# ଝାରପଡ଼ା ଜେଲରୁ ବିଦେଶକୁ ଯାଉଥିଲା କଲ୍

ଭୁବନେଶ୍ୱର,୨୩।୫(ବ୍ୟୁରୋ)

**ମୋବାଇଲ ଖଣି**
- ଚିଟ୍‌ଫଣ୍ଡ ଅଭିଯୁକ୍ତଙ୍କ ସେଲ୍ ନିକଟରୁ ମୋବାଇଲ ଫୋନ୍ ଜବତ
- ନୂଆ ଜେଲ୍ ଅଧୀକ୍ଷକଙ୍କ ଯାଞ୍ଚବେଳେ ମାଟିତଳୁ ମିଳିଲା
- ୨୩ ଦିନରେ ୧୩ ମିଳିଲାଣି

କଟକଣା ସତ୍ତ୍ୱେ ଝାରପଡା ଜେଲକୁ ବେଆଇନ ମୋବାଇଲ୍ ଫୋନ୍ ଯାଉଛି। ଯେତେ ଜବତ କଲେ ସେତେ ମିଳୁଛି। ଅଧିକାଂଶ ମୋବାଇଲ୍ ଫୋନ୍ ଦୁର୍ଦ୍ଦାନ୍ତ ଅପରାଧୀ ଓ ହାଇପ୍ରୋଫାଇଲ୍ ଅଭିଯୁକ୍ତଙ୍କ ସେଲ୍ ନିକଟ ମାଟିତଳୁ ମିଳୁଥିବାରୁ ସତେ ଯେମିତି ଏଠାରେ ଖଣି ପଡିଥିବା ଭଳି ଲାଗୁଛି। କେବଳ ମେ' ମାସ ୨୩ ଦିନରେ ୧୩ଟି ଫୋନ୍ ଜବତ ହେଲାଣି। ଜେଲ୍ ଭିତରକୁ ମୋବାଇଲ୍ ଫୋନ୍, ଟଙ୍କା ଓ ନିଶାଦ୍ରବ୍ୟ ଯାଉଥିବାର ଅନେକ ପ୍ରମାଣ ମିଳିଛି। ଭିତରେ ଅପରାଧୀମାନେ ମୋବାଇଲ୍ ଫୋନ୍‌ରେ ଅପରାଧ ନିୟନ୍ତ୍ରଣ କରୁଥିବା ନଜିର ରହିଛି। ନିକଟରେ ଜଣେ ଦୁର୍ଦ୍ଦାନ୍ତ ଅପରାଧୀଙ୍କ ସେଲ୍ ନିକଟରୁ ମୋବାଇଲ୍ ଫୋନ୍ ମିଳିବା, କଏଦୀମାନେ କର୍ମଚାରୀଙ୍କୁ ଟଙ୍କା ଦେଇ ନିଶା ସେବନ କରିବା ସହ ମଉଜମସ୍ତି କରୁଥିବାର ଭିଡିଓ ଭାଇରାଲ ହେବା ପରେ ଜେଲ୍ ଅଧୀକ୍ଷକଙ୍କୁ ବଦଳି କରାଯାଇଛି। ନୂତନ ଭାବେ ଯୋଗଦେଇଥିବା ଜେଲ ଅଧୀକ୍ଷକ ସରୋଜ ବିଶ୍ୱାଳଙ୍କ ନେତୃତ୍ୱରେ ରବିବାର ଚଢାଉ ଓ ଯାଞ୍ଚ କରାଯାଇଥିଲା। ଏହି ସମୟରେ ମାଟି ତଳେ ପୋତା ହୋଇଥିବା ଏକ ମୋବାଇଲକୁ ଜବତ କରାଯାଇଛି। ମୋବାଇଲ ଫୋନ୍‌ଟି ଜଣେ ଚିଟ୍‌ଫଣ୍ଡ୍ ଅଭିଯୁକ୍ତଙ୍କ ସେଲ ନିକଟରୁ ମିଳିଛି। ବଡ କଥା ହେଉଛି, ଉକ୍ତ ମୋବାଇଲରୁ ବିଦେଶକୁ ବାରମ୍ବାର କଲ୍ ହୋଇଛି। ତଦନ୍ତବେଳେ ଉକ୍ତ ମୋବାଇଲରୁ ଗୋଟିଏ ମିନିଟକୁ ୧୦୦ ଟଙ୍କା ହିସାବରେ ଆଇଏସ୍‌ଡି କଲ୍ କରାଯାଉଥିଲା। ଏଥିରୁ ଚିଟ୍‌ଫଣ୍ଡ୍ ଅଭିଯୁକ୍ତଙ୍କ ବିଦେଶ ଲିଙ୍କ ରହିଥିବା ଜେଲ ବିଭାଗ ଜାଣିବାକୁ ପାଇଛି। ଏନେଇ ଅଧିକ ତଦନ୍ତ କରାଯାଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ। ଏନେଇ ଲକ୍ଷ୍ମୀସାଗର ଥାନାରେ ଅଭିଯୋଗ ହୋଇଥିବା ଅଧୀକ୍ଷକ ବିଶ୍ୱାଳ କହିଛନ୍ତି।

ସୂଚନାଯୋଗ୍ୟ, କିଛିମାସ ଭିତରେ ଜେଲ୍ ପରିସରରୁ ବିପୁଳ ମୋବାଇଲ୍ ଫୋନ୍ ମିଳିଲାଣି। କେବଳ ମେ' ମାସରେ ୧୩ଟି ମୋବାଇଲ ଫୋନ୍ ଜବତ ହୋଇଛି। ମେ ୧ରେ ଜେଲ୍ ଡିଜିଙ୍କ ନିର୍ଦ୍ଦେଶ ପରେ ଚଢାଉ କରାଯାଇ ଜଣେ ଦୁର୍ଦ୍ଦାନ୍ତ ଅପରାଧୀର ସେଲ ପଛପଟୁ ଗୋଟିଏ ମୋବାଇଲ ଫୋନ ମିଳିଥିଲା। ସେହିପରି ୧୦ ତାରିଖରେ ୯ଟି ଓ ୧୨ ତାରିଖରେ ୨ଟି ମୋବାଇଲ ଫୋନ ଜବତ ହୋଇଥିଲା।




## ୧୮୦ କଏଦୀ, କର୍ମଚାରୀଙ୍କ କୋଭିଡ୍ ଟେଷ୍ଟ

ଭୁବନେଶ୍ୱର, ୨୩।୫ (ବ୍ୟୁରୋ)

ଝାରପଡ଼ା ଜେଲରେ କୋଭିଡ୍ ସଂକ୍ରମଣ ବଢୁଥିବାରୁ ଶନିବାର ପୁଣି ୧୮୦ ଜଣ କଏଦୀ ଓ କର୍ମଚାରୀଙ୍କ ଟେଷ୍ଟିଂ କରାଯାଇଛି। ଭୁବନେଶ୍ୱର ମହାନଗର (ବିଏମ୍‌ସି)ର ଏକ ସ୍ୱତନ୍ତ୍ର ଟିମ୍ ଜେଲ୍‌ରେ ପହଞ୍ଚି ସେମାନଙ୍କ ନମୁନା ସଂଗ୍ରହ କରିଛି। ସୋମବାର ସୁଦ୍ଧା ରିପୋର୍ଟ ମିଳିଯିବ ବୋଲି କୁହାଯାଇଛି। ପୂର୍ବରୁ ୧୯୬ଜଣ ଅନ୍ତେବାସୀଙ୍କ କୋଭିଡ୍ ପରୀକ୍ଷା ହୋଇଥିଲା। ସେମାନଙ୍କ ମଧ୍ୟରୁ ୯୬ଜଣ ପଜିଟିଭ୍ ବାହାରିଥିବା ନେଇ ଗତ ଗୁରୁବାର ରିପୋର୍ଟ ଆସିଥିଲା। ଆକ୍ରାନ୍ତଙ୍କ ମଧ୍ୟରେ ଗୋପାଳପୁର ବିଧାୟକ ପ୍ରଦୀପ ପାଣିଗ୍ରାହୀ, ବହିଷ୍କୃତ ଆଇଏଫ୍‌ଏସ ଅଧିକାରୀ ଅଭୟକାନ୍ତ ପାଠକ ରହିଥିଲେ। ଆଇସୋଲେଶନ ୱାର୍ଡରେ ଆକ୍ରାନ୍ତ କଏଦୀଙ୍କ ଚିକିତ୍ସା ଚାଲିଛି। ସେହିପରି ପୂର୍ବରୁ ପୂର୍ବତନ ଜେଲ ଅଧୀକ୍ଷକ, ଜେଲରଙ୍କ ସମେତ ୧୧ଜଣ କର୍ମଚାରୀ କରୋନାରେ ଆକ୍ରାନ୍ତହୋଇ ଚିକିତ୍ସିତ ହେଉଛନ୍ତି।

## ସଂକ୍ଷେପରେ

### ଭୁଶୁଡ଼ିଲା କେନାଲ ଗାର୍ଡୱାଲ



**ପୁରୁଣା ଭୁବନେଶ୍ୱର,୨୩।୫ (ଡି.ଏନ୍.ଏ.):** ନିମ୍ନମାନର କାର୍ଯ୍ୟ ଯୋଗୁ ପୁରୁଣା ଭୁବନେଶ୍ୱର କପିଳେଶ୍ୱର ଗ୍ରାମ ନିକଟରେ ଦୟା ପଶ୍ଚିମ କେନାଲ ଗାର୍ଡୱାଲ ଭୁଶୁଡ଼ି ପଡ଼ିଛି। ଜାତୀୟ ରାଜପଥକୁ ଯିବା ପାଇଁ ପ୍ରତିଦିନ ଅନେକ ଭାରିଯାନ ଓ ଲୋକେ ଏହି ରାସ୍ତା ଉପରେ ନିର୍ଭର କରିଥାନ୍ତି। ଫଳରେ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ତୁରନ୍ତ ଏହି ୱାଲର ମରାମତି କରାଯିବା ସହ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ କପିଳେଶ୍ୱର ଗ୍ରାମବାସୀ ଦାବି କରିଛନ୍ତି।

### ବୁଲା ଜୀବଜନ୍ତୁଙ୍କୁ ଖାଦ୍ୟ ଦେଉଛି ବିଏମ୍‌ସି

**ଭୁବନେଶ୍ୱର, ୨୩।୫ (ବ୍ୟୁରୋ):** ଲକ୍‌ଡାଉନ୍ ଓ ଶଟ୍‌ଡାଉନ୍‌ରେ ବୁଲା ଜୀବଜନ୍ତୁ ଭୋକରେ ନ ରହିବା ପାଇଁ ବିଏମ୍‌ସି ପକ୍ଷରୁ ଗତ ୭ ତାରିଖରୁ ଖାଦ୍ୟ ଦିଆଯାଇଛି। ଶହୀଦନଗରସ୍ଥିତ ଭେଟେନାରୀ କ୍ଲିନିକ୍ କ୍ୟାମ୍ପସଠାରେ ପ୍ରତିଦିନ ସାଢେ ୭କୁଇଣ୍ଟାଲର ରନ୍ଧା ଖାଦ୍ୟ ପ୍ରସ୍ତୁତ କରାଯାଉଛି। ସହରର ବିଭିନ୍ନ ସ୍ଥାନରେ ବୁଲୁଥିବା ଗାଈ, ଷଣ୍ଢମାନଙ୍କୁ ୩ କୁଇଣ୍ଟାଲ ଗୋଖାଦ୍ୟ ଦିଆଯାଉଛି। କୁକୁରଙ୍କ ପାଇଁ ଭାତ, ଡାଲି ଓ ଚିକେନ୍ ରନ୍ଧା ହେଉଛି। ସକାଳ ୮ଟାରୁ ୧୦ଟା ମଧ୍ୟରେ ୫ କୁଇଣ୍ଟାଲ ଖାଦ୍ୟ ଦିଆଯାଉଥିବାବେଳେ ବଳକା ଖାଦ୍ୟ ଅପରାହ୍ନ ୪ଟା ବେଳକୁ ଦିଆଯାଉଛି। ସ୍ୱେଚ୍ଛାସେବୀ ଅନୁଷ୍ଠାନ ପିପୁଲ୍ ଫର୍ ଆନିମଲ୍, ଆଲାପ ଓ ରିହାବିଟାଟ୍ ଫାଉଣ୍ଡେଶନ ସାମିଲ ହୋଇଛି।

### ଦ୍ୱିତୀୟ ସ୍ତ୍ରୀଙ୍କୁ ହାବିଲଦାରଙ୍କ ହତ୍ୟା ଉଦ୍ୟମ

**ଭୁବନେଶ୍ୱର,୨୩।୫(ବ୍ୟୁରୋ):** ଧଉଳି ଥାନାରେ କାର୍ଯ୍ୟରତ ଜଣେ ହାବିଲ୍‌ଦାରଙ୍କ ନାଁରେ ତାଙ୍କ ଦ୍ୱିତୀୟ ସ୍ତ୍ରୀ ହତ୍ୟା ଉଦ୍ୟମ ଅଭିଯୋଗ ଆଣିଛନ୍ତି। ହାବିଲ୍‌ଦାର ଜଣକ ହେଲେ ପୁରୀ ଡେଲାଙ୍ଗ ଅଞ୍ଚଳର ସଦାଶିବ ସ୍ୱାଇଁ(୫୨)। ଅଭିଯୋଗ ଆଧାରରେ ଶ୍ରୀ ଲିଙ୍ଗରାଜ ଥାନା ପୋଲିସ ତାଙ୍କ ନାମରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଅଭିଯୋଗ ଅନୁଯାୟୀ, ହାବିଲଦାର ସଦାଶିବ ପୂର୍ବରୁ ଲିଙ୍ଗରାଜ ଥାନାରେ କାର୍ଯ୍ୟରତ ଥିଲେ। ଏହି ସମୟରେ ଉଭୟଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢି ଉଠିଥିଲା। ଉଭୟେ ବିବାହିତ ଜାଣିବା ସତ୍ତ୍ୱେ ଗତବର୍ଷ ଡିସେମ୍ବର ୧୫ରେ ପୁରୀ କୋର୍ଟରେ ବିବାହ କରିଥିଲେ। ଏହାପରେ ଦୁହେଁ ଲିଙ୍ଗରାଜ ଥାନା ଅନ୍ତର୍ଗତ ତାଳବଣିଆରେ ଭଡାଘରେ ରହିଥିଲେ। ଗତ ୧୭ ତାରିଖ ସନ୍ଧ୍ୟାରେ ସଦାଶିବ ତାଙ୍କ ଦ୍ୱିତୀୟ ସ୍ତ୍ରୀ ତଥା ଅଭିଯୋଗକାରୀ ମହିଳାଙ୍କ ମୁହଁରେ ତକିଆ ଚାପି ମାରିଦେବାକୁ ଉଦ୍ୟମ କରିଥିଲେ। ମହିଳା ଜଣକ ଖସିଆସି ପୋଲିସ କଣ୍ଟ୍ରୋଲ ରୁମ୍‌କୁ କଲ୍ କରିଥିଲେ। ପୋଲିସ ପହଞ୍ଚି ତାଙ୍କୁ ଥାନାରେ ଅଭିଯୋଗ କରିବାକୁ ପରାମର୍ଶ ଦେଇଥିଲେ। ମହିଳାଙ୍କ ଅଭିଯୋଗ ଅନୁଯାୟୀ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଛି ଓ ହାବିଲଦାର ଜଣକ ଗାଁରେ କରୋନାରେ ଆକ୍ରାନ୍ତ ହୋଇ ହୋମ୍ ଆଇସୋଲେଶନରେ ଥିବା ଥାନାଧିକାରୀ ସନ୍ତୋଷଚନ୍ଦ୍ର ପାତ୍ର କହିଛନ୍ତି।



ସମ୍ଭାବ୍ୟ ବାତ୍ୟାଜନିତ ବର୍ଷାରେ ଜଳ ନିଷ୍କାସନରେ ଯେପରି ବାଧା ନ ଉପୁଜିବ ସେଥିପାଇଁ ଭୁବନେଶ୍ୱର ଜିଜିପି କଲୋନୀସ୍ଥିତ ଡ୍ରେନ୍‌କୁ ରବିବାର ସଫେଇ କରାଯାଉଛି।

# ରାଜଧାନୀରେ ୭୦ହଜାର ମୁହାଁ ସଂକ୍ରମଣ

ଭୁବନେଶ୍ୱର, ୨୩।୫ (ବ୍ୟୁରୋ)

- ମେ'ରେ ବଢୁଛି ସଂକ୍ରମଣ ହାର
- ଆଉ ୧୦୪୧ ପଜିଟିଭ୍ ଚିହ୍ନଟ, ୪ ମୃତ

ରାଜଧାନୀ ଭୁବନେଶ୍ୱରରେ କରୋନା ସ୍ଥିତି ଜଟିଳ ଲାଗିଛି। ଉଭୟ ସଂକ୍ରମଣ ଓ ମୃତ୍ୟୁ ବଢ଼ି ଚାଲିଛି। ଦୈନିକ ହଜାରେ ଉପରେ ଆକ୍ରାନ୍ତ ଚିହ୍ନଟ ହେଉଥିବାବେଳେ ଏକାଧିକ ଜୀବନ ଯାଉଛି। ସ୍ଥିତି ଏପରି ହୋଇଛି ସହରରୁ ୬୦ହଜାରରୁ ଊର୍ଦ୍ଧ୍ୱ ସଂକ୍ରମିତ ହୋଇ ସାରିଲେଣି। ଆଉ ଦିନେ ଦୁଇଦିନ ମଧ୍ୟରେ ଏହା ୭୦ ହଜାରକୁ ଛୁଇଁବାର ଆଶଙ୍କା କରାଯାଉଛି। ଚଳିତ ବର୍ଷ ଜାନୁୟାରୀ ୧ରେ ମହାନଗରରେ ସଂକ୍ରମିତଙ୍କ ସଖ୍ୟା ୩୧ ହଜାର ୬୪୭ରେ ପହଞ୍ଚିଥିଲା। ଫେବୃୟାରୀ ୧ରେ ୩୧ହଜାର ୮୭୭ ଓ ମାର୍ଚ୍ଚ ୧ରେ ୩୧ହଜାର ୯୯୧ ରହିଥିଲା। ୨ ମାସରେ ମାତ୍ର ୩୪୪ ବଢ଼ିଥିଲା। ତେବେ ଏହାପରଠାରୁ ସଂକ୍ରମଣରେ ଦ୍ରୁତ ବୃଦ୍ଧି ଘଟିଥିବାବେଳେ ମେ'ରେ କରୋନା ତାହାର ଭୟାବହତା ଦେଖାଇଛି। ମାସ ଆରମ୍ଭରେ ମୋଟ ୪୫ ହଜାର ୫୦୮ଜଣ ସଂକ୍ରମିତ ହୋଇଥିବାବେଳେ ମାତ୍ର ୧୫ଦିନ ମଧ୍ୟରେ ଏହି ସଂଖ୍ୟା ୬୦ ହଜାର ୨୮୧ ଛୁଇଁଥିଲା। ତେବେ ଗତ ୨୪ ଘଣ୍ଟାରେ ଆଉ ୧୦୪୧ଜଣ ନୂଆ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ଏବେ ମହାନଗରରେ ସଂକ୍ରମଣ ୬୮ହଜାର ୯୯୭ରେ ପହଞ୍ଚିଛି।

ନୂଆ ଆକ୍ରାନ୍ତଙ୍କ ମଧ୍ୟରୁ ପଟିଆରୁ ସର୍ବାଧିକ ୬୭ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସେହିଭଳି ଖଣ୍ଡଗିରିରୁ ୪୯, ନୟାପଲ୍ଲୀରୁ ୪୪, ପୁରୁଣା ଭୁବନେଶ୍ୱରରୁ ୪୪, ଢୁମୁଢୁମାରୁ ୩୫, ସାମନ୍ତରାପୁରରୁ ୧୮, ସୁନ୍ଦରପଦାରୁ ୧୭, ଶୈଳଶ୍ରୀ ବିହାରରୁ ୨୫, ଟଙ୍କପାଣି ରୋଡ୍, ୟୁନିଟ-୮ ଓ ୟୁନିଟ-୪ରୁ ୧୧ଜଣ ଲେଖାଏଁ, ରସୁଲଗଡରୁ ୧୯, ଚନ୍ଦ୍ରଶେଖରପୁରରୁ ୨୮, ବିଜେବି ନଗରରୁ ୧୭, ଲକ୍ଷ୍ମୀସାଗରରୁ ୧୮, ଭରତପୁରରୁ ୧୬, ବରମୁଣ୍ଡାରୁ ୨୮, ନୀଳାଦ୍ରି ବିହାରରୁ ୨୨, ବଡଗଡରୁ ୨୬, ଝାରପଡାରୁ ୧୯, ଆଇଆର୍‌ସି ଭିଲେଜରୁ ୧୩, ମଞ୍ଚେଶ୍ୱରରୁ ଓ ଚିନ୍ତାମଣିଶ୍ୱରରୁ ୧୪ଜଣ ଲେଖାଏ, ଜୟଦେବ ବିହାରରୁ ୧୫ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଅନ୍ୟପକ୍ଷରେ ଆଉ ୪ଜଣ ସଂକ୍ରମିତଙ୍କ ମୃତ୍ୟୁ ହୋଇଥିବାରୁ ଏହି ସଂଖ୍ୟା ୩୧୪କୁ ବୃଦ୍ଧି ପାଇଛି। ସେପଟେ ୯୪୧ଜଣ ସୁସ୍ଥ ହୋଇଥିବାବେଳେ ଆରୋଗ୍ୟ ସଂଖ୍ୟା ୫୫,୮୧୦ରେ ପହଞ୍ଚିଛି। ଏବେ ୧୨ହଜାର ୮୫୨ଜଣ ସକ୍ରିୟ ଆକ୍ରାନ୍ତ ଚିକିତ୍ସାଧୀନ ଅଛନ୍ତି।

# ଆମ୍ବୁଲାନ୍ସରେ ମଦ ଚାଲାଣ

ଖୋର୍ଦ୍ଧା ଅଫିସ, ୨୩।୫(ଡି.ଏନ୍.ଏ.)

**ଜଣେ ଗିରଫ,୧୫୦ଲିଟର ମଦ ଜବତ**

କରୋନା ସଂକ୍ରମଣ ନିୟନ୍ତ୍ରଣ ଲାଗି ରାଜ୍ୟରେ ଲକ୍‌ଡାଉନ ଓ ସହରାଞ୍ଚଳରେ ସପ୍ତାହାନ୍ତ ଶଟ୍‌ଡାଉନ ଜାରି ରହିଛି। ଏହି ସମୟରେ ଆମ୍ବୁଲାନ୍ସର ଚାହିଦା ବଢ଼ିଛି। ଆମ୍ବୁଲାନ୍ସରେ ରୋଗୀ ଓ ଅକ୍ସିଜେନ ବୁହାଯାଉଛି। କେହି ବି ବାଟରେ ଆମ୍ବୁଲାନ୍ସକୁ ଅଟକାଇଲେ ଅପରାଧ ଭାବେ ଗ୍ରହଣ କରାଯିବ। ଏହାର ଫାଇଦା ଉଠାଉଛନ୍ତି ଚୋରା ମଦ ବ୍ୟବସାୟୀ। ଆମ୍ବୁଲାନ୍ସରେ ଦେଶୀ ମଦ ଚାଲାଣ କରାଯାଉଛି। ରବିବାର ଖୋର୍ଦ୍ଧା ଟାଉନ ପୋଲିସ ହଳଦିଆ ହାଟଛକରୁ ଆମ୍ବୁଲାନ୍ସରୁ ୧୫୦ଲିଟର ଦେଶୀ ମଦ ଜବତ କରିବା ସହ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତ ହେଲେ କଟକ ଜିଲା ଆଠଗଡ଼ ଅଞ୍ଚଳର ସରୋଜ ତ୍ରିପାଠୀ। ସୂଚନା ମୁତାବକ, ହଳଦିଆ ପଟୁ ଏକ ଆମ୍ବୁଲାନରେ ମଦ ଚୋରାଚାଲାଣ ହେଉଥିବା ନେଇ ପୋଲିସକୁ ସୂଚନା ମିଳିଥିଲା। ଖବରପାଇ ଟାଉନ ପୋଲିସ ଓ ସ୍ପେଶାଲ ସ୍କ୍ୱାଡ୍ ଟିମ୍ ରବିବାର ସକାଳେ ହଳଦିଆ ହାଟଛକଠାରେ ଏକ ଆମ୍ବୁଲାନ୍ସକୁ ଅଟକାଇଥିଲେ। ପୋଲିସ ଯାଞ୍ଚ ବେଳେ ଆମ୍ବୁଲାନ୍ସରୁ ପ୍ରାୟ ୧୫୦ଲିଟର ଦେଶୀ ମଦ ଜବତ କରିବା ସହ ଜଣଙ୍କୁ ଗିରଫ କରିଥିଲା। ଏହି ଆମ୍ବୁଲାନ୍ସ ଘରୋଇ କିମ୍ବା କୌଣସି ମେଡିକାଲରେ କାର୍ଯ୍ୟ କରୁଥିଲା। ଏହି ମଦ କାରବାରରେ ଅନ୍ୟ କେଉଁମାନଙ୍କ ସମ୍ପୃକ୍ତି ରହିଛି, ତାହାର ତଦନ୍ତ କରାଯିବ ବୋଲି ଥାନାଧିକାରୀ ସଞ୍ଜୟ ପଟ୍ଟନାୟକ କହିଛନ୍ତି।

## ଆଜିଠୁ ୧୮ରୁ ୪୪ ବର୍ଷୀୟ ଓକିଲଙ୍କୁ ଟିକା

ଭୁବନେଶ୍ୱର,୨୩।୫ (ବ୍ୟୁରୋ)

ଭୁବନେଶ୍ୱର ଓକିଲ ସଂଘର ୧୮ରୁ ୪୪ ବର୍ଷୀୟ ସଦସ୍ୟଙ୍କୁ ଦିଆଯିବ କୋଭିଡ ଟିକା। ସୋମବାର ଓ ମଙ୍ଗଳବାର ୨ଦିନଧରି ଓକିଲ ସଂଘର ହଲ୍ ନଂ.୧ରେ ବିଏମ୍‌ସି ତରଫରୁ ଟିକାକରଣ ବ୍ୟବସ୍ଥା କରାଯାଇଛି। ସକାଳ ୧୦ଟାରୁ ଅପରାହ୍ନ ୧ଟା ଓ ଅପରାହ୍ନ ୩ଟାରୁ ୫ଟା ପର୍ଯ୍ୟନ୍ତ ଚାଲିବ। ଓକିଲମାନେ ନିଜର ବୃତ୍ତିଗତ ପ୍ରମାଣପତ୍ର ଓ ଆଧାର କାର୍ଡ ନେଇ ଆସିବେ। ମାସ୍କ ପିନ୍ଧିବା ଓ ସାମାଜିକ ଦୂରତା ସହ ଶାନ୍ତିଶୃଙ୍ଖଳାର ସହ ଟିକା ନେବାକୁ ସଂଘର ସମ୍ପାଦକ ରାଜକିଶୋର ଦାସ ସୂଚନା ଦେଇଛନ୍ତି। ପୂର୍ବରୁ ଏନେଇ ବାରମ୍ବାର ବିଏମସିକୁ ଦାବି କରାଯାଇଥିଲା। କିନ୍ତୁ ବିଳମ୍ବ ହେବାରୁ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଗତ ୨୦ ତାରିଖରେ ବିଏମସିକୁ ପତ୍ର ଲେଖିଥିଲେ। ଏହାପରେ ଟିକାକରଣର ବ୍ୟବସ୍ଥା କରାଯାଇଥିଲା। ପୂର୍ବରୁ ୪୫୦ଜଣ ୪୫ ବର୍ଷରୁ ଊର୍ଦ୍ଧ୍ୱ ବୟସ୍କ ଓକିଲ ଓ ତାଙ୍କ ପରିବାର ସଦସ୍ୟ ଟିକା ନେଇସାରିଛନ୍ତି। ଏଥିପାଇଁ ଓକିଲ ସଂଘ ତରଫରୁ ସମ୍ପାଦକ ରାଜକିଶୋର, ସଭାପତି ନିର୍ମଳ କିଶୋର ରଥ, ଉପ ସଭାପତି ଦେବୀଦତ୍ତ ବାରିକ, କୋଷାଧ୍ୟକ୍ଷ ଲିଙ୍ଗରାଜ ମହାରଣା ପ୍ରମୁଖ ମନ୍ତ୍ରୀ ପଣ୍ଡାଙ୍କୁ ଧନ୍ୟବାଦ ଦେଇଛନ୍ତି।

## ରାସ୍ତା ପାର୍ଶ୍ୱରେ ୮ ଦୋକାନ ଜଳିଗଲା



ଭୁବନେଶ୍ୱର,୨୨।୫(ବ୍ୟୁରୋ)

ଏୟାରଫିଲ୍ଡ ଥାନା ଅନ୍ତର୍ଗତ ପୋଖରୀପୁଟ ପେଟ୍ରୋଲ ପମ୍ପ ନିକଟରେ ରବିବାର ଏକ ଭୟାବହ ଅଗ୍ନିକାଣ୍ଡ ଘଟିଛି। ଏଥିରେ ରାସ୍ତା ପାର୍ଶ୍ୱରେ ଥିବା ୮ଟି ଦୋକାନ ସମ୍ପୂର୍ଣ୍ଣ ଭାବେ ଜଳି ଯାଇଛି। ଖବରପାଇ କଳ୍ପନା ଦମକଳ ବାହିନୀର ୨ଟି ଗାଡି ଘଟଣା ସ୍ଥଳରେ ପହଞ୍ଚି ନିଆଁକୁ ଆୟତ କରିଥିଲା। କାରଣ ଅସ୍ପଷ୍ଟ ଥିବାବେଳେ ଏହାର ତଦନ୍ତ ଚାଲିଥିବା ନେଇ ଅଗ୍ନିଶମ ବିଭାଗ ପକ୍ଷରୁ କୁହାଯାଇଛି। ସୂଚନା ଅନୁଯାୟୀ, ପୋଖରୀପୁଟ ପେଟ୍ରୋଲ ପମ୍ପ ସାମ୍ନାରେ ପ୍ରାୟ ୨୦ଟି ଅସ୍ଥାୟୀ ଦୋକାନ ରହିଛି। ସମସ୍ତ ଦୋକାନ ବନ୍ଦ ରହିଥିବାବେଳେ ରବିବାର ସକାଳ ପ୍ରାୟ ସାଢେ ୧୦ଟାରେ ହଠାତ୍ ଏକ ଦୋକାନରୁ ଧୂଆଁ ବାହାରୁଥିବା ସ୍ଥାନୀୟ ଲୋକେ ଦେଖିବାକୁ ପାଇଥିଲେ। ଚାହୁଁଚାହୁଁ ନିଆଁ ଅନ୍ୟ ଦୋକାନଗୁଡ଼ିକୁ ବ୍ୟାପିଯାଇଥିଲା। ସ୍ଥାନୀୟ ଲୋକେ ନିଆଁ ଲିଭାଇବାକୁ ଚେଷ୍ଟା କରି ବିଫଳ ହୋଇଥିଲେ। ଖବର ପାଇବା ପରେ ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ ମଧ୍ୟ ସେତେବେଳକୁ ୮ ଦୋକାନ ସମ୍ପୂର୍ଣ୍ଣଭାବେ ପୋଡ଼ିସାରିଥିଲା।

## ନିଃଶୁଳ୍କ ଆମ୍ବୁଲାନ୍ସ ସେବା ଲୋକାର୍ପିତ



ବିଧାୟକ ସୁଶାନ୍ତ କୁମାର ରାଉତ ଆମ୍ବୁଲାନ୍ସ ଲୋକାର୍ପଣ କରୁଛନ୍ତି।

ଭୁବନେଶ୍ୱର, ୨୩।୫ (ବ୍ୟୁରୋ)

କୋଭିଡ୍ ମହାମାରୀକୁ ଦୃଷ୍ଟିରେ ରଖି ଉତ୍ତର ବିଧାୟକ ତଥା ବିଜେଡି ସାଙ୍ଗଠନିକ ଜିଲା ସଭାପତି ସୁଶାନ୍ତ କୁମାର ରାଉତ ଭୁବନେଶ୍ୱରବାସୀଙ୍କ ପାଇଁ ୫ଟି ନିଃଶୁଳ୍କ ଆମ୍ବୁଲାନ୍ସ ସେବା ଲୋକାର୍ପିତ କରିଛନ୍ତି। ଏହି ଆମ୍ବୁଲାନ୍ସ ସେବା ଦ୍ୱାରା କୋଭିଡ୍ ଆକ୍ରାନ୍ତ ଏବଂ ଜରୁରିକାଳୀନ ରୋଗୀମାନେ ଉପକୃତ ହୋଇପାରିବେ। ଏହି ଆମ୍ବୁଲାନ୍ସ ସେବା ପାଇବା ପାଇଁ ଟୋଲ୍ ଫ୍ରି ନମ୍ବର ୧୮୦୦୮୯୧୩୮୪୦ ସର୍ବସାଧାରଣଙ୍କ ନିମନ୍ତେ ଜାରି କରାଯାଇଛି। ସମାଜସେବା କ୍ଷେତ୍ରରେ ବିଧାୟକଙ୍କ ଏହି ଜନହିତକାରୀ କାର୍ଯ୍ୟକୁ ସାଧାରଣରେ ପ୍ରଶଂସା କରାଯାଇଛି।

# କଣ୍ଠଶିଳ୍ପୀଙ୍କ ଦସ୍ତଖତ ନେଇ ବ୍ଲାକ୍‌ମେଲିଂ

ଭୁବନେଶ୍ୱର,୨୩।୫(ବ୍ୟୁରୋ)

- ସଙ୍ଗୀତ ପ୍ରମୋଟ୍ ପାଇଁ ଚୁକ୍ତି ନାଁରେ ଦସ୍ତଖତ ନେଲେ
- ବିବାହ କରିଥିବା କହି ଧମକ, ଥାନାରେ ଅଭିଯୋଗ

ସଙ୍ଗୀତ ପ୍ରମୋଟ ପାଇଁ ଚୁକ୍ତି କରିବାକୁ ଦସ୍ତଖତ ନେଲେ। ହେଲେ କୋର୍ଟ ବିବାହ କରିଥିବା କହି ଧମକ ଦେଲେ। ଯୁବତୀଙ୍କ ଏଭଳି ଚକ୍ରାନ୍ତରେ ଜଣେ ୟୁଟ୍ୟୁବ୍ କଣ୍ଠଶିଳ୍ପୀ ପୁରୀର ଅଙ୍କିତ ମିଶ୍ର ଫସିଯାଇଛନ୍ତି। ଶେଷରେ ଏନେଇ ବଡ଼ଗଡ଼ ଥାନାରେ ଅଭିଯୋଗ କରିବା ପରେ ପୋଲିସ ବାଲେଶ୍ୱରର ଜଣେ ଯୁବତୀଙ୍କ ନାମରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

ଅଭିଯୋଗ ଅନୁସାରେ, ଅଙ୍କିତ ବାଙ୍ଗାଲାରରେ ଏମ୍‌ବିଏ ପଢୁଥିଲେ। ଗତବର୍ଷ କୋଭିଡ଼ ପାଇଁ ଲକଡାଉନ୍ ହୋଇଯିବାରୁ ସେ ଘରକୁ ଆସି ରହୁଥିଲେ। ଭଲ ଗୀତ ଗାଉଥିବାରୁ ସେ ତାଙ୍କର ଏକ ୟୁଟ୍ୟୁବ୍ ଚ୍ୟାନେଲ ଖୋଲି ନିଜ ଗୀତଗୁଡ଼ିକ ଅପଲୋଡ୍ କରନ୍ତି। ପୁରୀରେ ଘର ଭଡ଼ା ନେଇ ରହୁଥିବା ବାଲେଶ୍ୱରର ଜଣେ ଯୁବତୀ ତାଙ୍କ ଗୀତକୁ ପ୍ରଶଂସା କରିବା ଫେସ୍‌ବୁକରେ ମେସେଜ୍ କରିଥିଲେ। ତାଙ୍କର ଷ୍ଟୁଡ଼ିଓ ଥିବାରୁ ଗୀତ ରେକର୍ଡିଂ କରିବାକୁ ସେ ଅଙ୍କିତଙ୍କୁ ପ୍ରସ୍ତାବ ଦେଇଥିଲେ। ଗତବର୍ଷ ନଭେମ୍ବର ୧ରେ ଅଙ୍କିତ ଯୁବତୀଙ୍କ ଘରକୁ ଯାଇ ତାଙ୍କ ଷ୍ଟୁଡ଼ିଓରେ ଗୀତ ଗାଇଥିଲେ। ଏହା ଭିତରେ ସମ୍ପର୍କକୁ ଆଗକୁ ବଢ଼ାଇଥିବା ଯୁବତୀଙ୍କ ଚାଲ୍‌କୁ ଅଙ୍କିତ ବୁଝି ପାରି ନ ଥିଲେ। ଗୀତ ପ୍ରମୋଟ ପାଇଁ ଏକ ଚୁକ୍ତି କରିବାକୁ ପଡ଼ିବ ବୋଲି ଯୁବତୀ ଜଣକ କହିବା ସହ ଗତ ମାର୍ଚ୍ଚ ୧୧ରେ ଭୁବନେଶ୍ୱର କୋର୍ଟକୁ ଡାକିଥିଲେ। ସେଠାରେ ଯୁବତୀ ଜଣକ କିଛି କାଗଜରେ ଅଙ୍କିତଙ୍କ ଦସ୍ତଖତ କରି ନେଇଥିଲେ। ଏହାର କିଛିଦିନ ପରେ ଯୁବତୀ ଜଣକ ଅଙ୍କିତଙ୍କୁ ବିବାହ କରିଥିବା କହି ତାଙ୍କ ଘରକୁ ନେବାକୁ ଜିଦ୍ ଧରିଥିଲେ। ଅଙ୍କିତ ଏଭଳି କଥା ଶୁଣି ଆଶ୍ଚର୍ଯ୍ୟ ହୋଇଯିବା ସହ ପରିବାର ଲୋକଙ୍କୁ ଜଣାଇ ସବ୍ ରେଜିଷ୍ଟ୍ରାର ଅଫିସକୁ ଯାଇ କାଗଜପତ୍ର ଯାଞ୍ଚ କରିବା ପରେ ଚକ୍ରାନ୍ତ କରି ଯୁବତୀ ଜଣକ ତାଙ୍କୁ କୋର୍ଟ ବିବାହ କରିଥିବା ଜାଣିବାକୁ ପାଇଥିଲେ। ବିବାହ ନୋଟିସ ଫର୍ମ, ବ୍ୟାଙ୍କ୍ ଷ୍ଟାମ୍ପ ପେପର ଉପରେ ଚକ୍ରାନ୍ତ କରି ଦସ୍ତଖତ କରି ନେଇଥିବା ଜଣାପଡିଥିଲା। ଅଙ୍କିତ ଭୁବନେଶ୍ୱରରେ ଭଡ଼ାରେ ରହୁଥିବା ଦର୍ଶାଯାଇଛି। ତେବେ ଅଙ୍କିତ କହିଛନ୍ତି ସେ କେବେ ଭୁବନେଶ୍ୱରରେ ରହିନାହାନ୍ତି। ଏହି ବିବାହକୁ ମନା କରିବାରୁ ଯୁବତୀ ଜଣକ ତାଙ୍କୁ ହତ୍ୟା ଧମକ ଦେଉଥିବା ସେ ଅଭିଯୋଗ କରିଛନ୍ତି।

# ୧୫ ମୋବାଇଲ ଜବତ, ୨ ଗିରଫ

ଭୁବନେଶ୍ୱର,୨୩।୫(ବ୍ୟୁରୋ)

ନୟାପଲ୍ଲୀ ଥାନା ପୋଲିସ ମୋବାଇଲ ଲୁଟ ଅଭିଯୋଗରେ ରବିବାର ଦୁଇଜଣଙ୍କୁ ଗିରଫ କରି। ସେମାନେ ହେଲେ ଖୋର୍ଦ୍ଧା ଜିଲା ଜଙ୍କିଆ ଥାନା ଅଞ୍ଚଳର ପ୍ରଦୀପ ଜେନା (୨୬) ଓ ଅନୁଗୋଳ ଜିଲା ନାଲ୍‌କୋ ଥାନା ଅଞ୍ଚଳର ଚନ୍ଦନ ଅମାତ (୪୦)। ସେମାନଙ୍କ ନିକଟରୁ ମୋଟ ୧୫ଟି ମୋବାଇଲ ଫୋନ୍ ଜବତ ହୋଇଛି। ଅଭିଯୁକ୍ତ ପ୍ରଦୀପ ମୋବାଇଲ ଲୁଟ କରୁଥିବାବେଳେ ଚନ୍ଦନ ତାଙ୍କ ନିକଟରୁ ଉକ୍ତ ମୋବାଇଲ୍ କିଣୁଥିଲେ। ଅନ୍ୟପକ୍ଷେ ଲୁଟ୍ ମୋବାଇଲ ଯାଞ୍ଚ୍ ସମୟରେ ଚନ୍ଦନଙ୍କ ଘରୁ ପୋଲିସ ୨୭ ଲିଟର ଦେଶୀ ଓ ୧୦ ବୋତଲ ବିଦେଶୀ ମଦ ଜବତ କରିଛି।

ସୂଚନା ଅନୁଯାୟୀ, ଗତ ବୁଧବାର ସନ୍ଧ୍ୟା ପ୍ରାୟ ୫ଟାରେ ଗଞ୍ଜାମ ଜିଲା ଜଗନ୍ନାଥପ୍ରସାଦ ଥାନାଞ୍ଚଳର ମୁନା ବେହେରା ନୟାପଲ୍ଲୀ ଦୁର୍ଗାମଣ୍ଡପ ନିକଟରେ ନିଜ ଗାଡି ରଖି ଫୋନରେ କଥା ହେଉଥିବାବେଳେ ପ୍ରଦୀପ ତାଙ୍କ ଫୋନ ଛଡାଇ ନେଇଥିଲେ। ଏନେଇ ମୁନା ଥାନାରେ ଅଭିଯୋଗ କରିବା ପରେ ପୋଲିସ ମାମଲା (ନଂ.୨୬୫/୨୧) ରୁଜୁ କରି ତଦନ୍ତ ଚଳାଇଥିଲା। ଶନିବାର ପ୍ରଦୀପଙ୍କୁ ଗିରଫ କରି ପୋଲିସ ପଚାରାଉଚରା କରିଥିଲା। ସେ ଚୋରି ମୋବାଇଲକୁ ଚନ୍ଦନଙ୍କୁ ବିକ୍ରି କରନ୍ତି ବୋଲି କହିବାରୁ ପୋଲିସ ସାଲିଆ ସାହିରେ ରହୁଥିବା ଚନ୍ଦନଙ୍କ ଘରେ ଚଢ଼ାଉ କରି ତାଙ୍କୁ ଗିରଫ କରିବା ସହ ସେଠାରୁ ମୋବାଇଲ ଫୋନ ଓ ମଦ ଜବତ କରିଥିଲା। ତେବେ ବେଆଇନ ମଦ ବିକ୍ରିକୁ ନେଇ ପୋଲିସ ଚନ୍ଦନଙ୍କ ନାମରେ ଆଉ ଏକ ମାମଲା (ନଂ-୨୬୭/୨୧) ରୁଜୁ ହୋଇଛି।

**ଯାଞ୍ଚବେଳେ ମିଳିଲା ଚୋରା ମଦ**

## ନୂଆବଜାର ସହରାଞ୍ଚଳ ସ୍ୱାସ୍ଥ୍ୟକେନ୍ଦ୍ର ସାନିଟାଇଜ

**କଟକ ଅଫିସ:** ଉତ୍କଳ ବିକାଶ ପରିଷଦ ପକ୍ଷରୁ ରବିବାର ୱାର୍ଡ ନଂ. ୫୧ ଅଧୀନ ତିନିଘରିଆ ଅଞ୍ଚଳର ନୂଆବଜାର ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ସାନିଟାଇଜ କରାଯାଇଛି। ପରିଷଦର ସଭାପତି ଇଂ. ପ୍ରକାଶ ଚନ୍ଦ୍ର ସେଠୀଙ୍କ ନିର୍ଦ୍ଦେଶକ୍ରମେ ଏହି କାର୍ଯ୍ୟ ହୋଇଥିଲା। ତିନିଘରିଆ ପୂଜା କମିଟି ସଭାପତି ଲେଲିନ ଖୁଣ୍ଟିଆ, ସାମାଜିକ କର୍ମୀ ଆଲୋକ ବସ୍ତିଆ, ଶୁଭେନ୍ଦୁ ଭୂୟାଁ, ପୋପରଡା ମହାଦେବ ପୂଜା କମିଟି ସମ୍ପାଦକ ସୁଦର୍ଶନ ଜେନା, ପୂର୍ବ କଟକ ବରିଷ୍ଠ ନାଗରିକ ସଂଘର ସଙ୍ଗଠନ ସମ୍ପାଦକ ହୃଦାନନ୍ଦ ପଟ୍ଟନାୟକ ପ୍ରମୁଖ ବିଶୋଧନ କାର୍ଯ୍ୟରେ ସାମିଲ ଥିଲେ।

## ସଂକ୍ଷେପରେ

### କରୋନା ଆକ୍ରାନ୍ତ ଗୃହରକ୍ଷୀଙ୍କ ମୃତ୍ୟୁ

**କଟକ ଅଫିସ, ୨୩।୫:** କରୋନାରେ ଆକ୍ରାନ୍ତ ହୋଇ ପୁରୀଘାଟ ଥାନାର ଗୃହରକ୍ଷୀ ପୂର୍ଣ୍ଣଚନ୍ଦ୍ର ବାରିକ(୫୫)ଙ୍କ ମୃତ୍ୟୁ ଘଟିଛି। ସେ କିଛିଦିନ ହେବ କରୋନାରେ ସଂକ୍ରମିତ ହୋଇ ଚିକିତ୍ସାଧୀନ ଥିଲେ। କୋଭିଡ୍ ହସ୍ପିଟାଲରେ ରବିବାର ତାଙ୍କର ମୃତ୍ୟୁ ହୋଇଯାଇଛି। ସୂଚନା ମୁତାବକ, ପୂର୍ଣ୍ଣଚନ୍ଦ୍ର ୨ଟି ଡୋଜ୍ କୋଭିଡ୍ ଟିକା ନେଇଥିଲେ। ମାତ୍ର ତାଙ୍କର ମଧୁମେହ ଓ ଆଜ୍‌ମା ଭଳି ରୋଗ ରହିଥିଲା। ତାଙ୍କ ପରଲୋକରେ ପୁରୀଘାଟ ଥନା ଅଧିକାରୀଙ୍କ ସମେତ ସମସ୍ତ କର୍ମଚାରୀ ଓ ଗୃହରକ୍ଷୀ ଶୋକ ପ୍ରକାଶ କରିଛନ୍ତି।

### ଦୁର୍ଦ୍ଦିନରେ ଅଟୋ, ଟ୍ରଲି ଚାଳକ

**ନିଶ୍ଚିନ୍ତକୋଇଲି, ୨୩।୫(ସ୍ୱ.ପ୍ର.):** କରୋନା ମହାମାରୀ ପାଇଁ ରାଜ୍ୟ ସରକାର ଲକ୍‌ଡାଉନ ଓ ଶଟ୍ ଡାଉନ ଘୋଷଣା କରିଛନ୍ତି। ଫଳରେ ଯାତାୟାତ ଠପ ହୋଇଯାଇଛି। ଏଭଳିସ୍ଥିତିରେ ନିଶ୍ଚିନ୍ତକୋଇଲି ବ୍ଲକରେ ଅଟୋରିକ୍ସା ଓ ଟ୍ରଲି ଚାଳକମାନେ ଦୁର୍ଦ୍ଦିନରେ ଗତି କରୁଛନ୍ତି। ସରକାର କଟକଣା କୋହଳ କରିଥିଲେ ମଧ ଗ୍ରାହକ ଆସୁ ନଥିବାରୁ ସେମାନଙ୍କୁ ନିରାଶ ହେବାକୁ ପଡୁଛି। ଅପରପକ୍ଷେ କୌଣସି ସରକାରୀ ସହାୟତା ମିଳୁ ନଥିବାରୁ ସେମାନଙ୍କ ମଧ୍ୟରୁ ଅନେକଙ୍କ ପରିବାର ଅଧା ଖାଇ କ୍ଷୁଧା ମେଣ୍ଟାଇବାକୁ ବାଧ ହେଉଛନ୍ତି। ଏନେଇ ମନ୍ତ୍ରୀ ପ୍ରତାପ ଜେନାଙ୍କ ନିର୍ଦ୍ଦେଶକ୍ରମେ ନିଶ୍ଚିନ୍ତକୋଇଲି ବ୍ଲକ ଅଞ୍ଚଳର ଟ୍ରଲି,ରିକ୍ସା ଓ ଅଟୋ ଚଳାଉଥିବା ଲୋକଙ୍କୁ ସହାୟତା ପ୍ରଦାନ କରାଯାଇଛି। ବ୍ଲକ ବିଜେଡି ସଭାପତି ରମାକାନ୍ତ ମହାନ୍ତି, ଅଶୋକ ଓଝା, ନିଶ୍ଚିନ୍ତକୋଇଲି ସରପଞ୍ଚ ରବୀନ୍ଦ୍ର ସେଠୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସେମାନଙ୍କୁ ନିତ୍ୟ ଆବଶ୍ୟକ ଖାଦ୍ୟ ସାମଗ୍ରୀ ଇତିମଧ୍ୟରେ ପ୍ରଦାନ କରାଯାଇଛି। ସେହିଭଳି ବିଭିନ୍ନ ଧାର୍ମିକ ଅନୁଷ୍ଠାନ ବନ୍ଦ ଥିବାରୁ ଏହି ଅନୁଷ୍ଠାନ ଉପରେ ନିର୍ଭର କରୁଥିବା ପୂଜକ, ମୌଲାନା, ଧର୍ମଗୁରୁମାନଙ୍କୁ ମଧ ସହାୟତା ପ୍ରଦାନ କରାଯାଇଛି।

### ବିଦ୍ୟୁତ୍ ଆଘାତରେ ଗାଈ ମୃତ

**ଚୌଦ୍ୱାର, ୨୩।୫(ଡି.ଏନ୍.ଏ.):** ଚୌଦ୍ୱାର ଉପକଣ୍ଠ ବିରୂପା ବ୍ୟାରେଜ ନିକଟରେ ଥିବା ଏକ ମୁକୁଳା ଟ୍ରାନ୍ସଫର୍ମରର ବିଦ୍ୟୁତ୍ ଆଘାତରେ ଏକ ଗାଈର ଶୋଚନୀୟ ମୃତ୍ୟୁ ଘଟିଛି। ଗାଈଟି ଚରିବାକୁ ଯାଉଥିବାବେଳେ ଟ୍ରାନ୍ସଫର୍ମରର ନିକଟକୁ ଚାଲି ଯିବାରୁ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ମୃତ୍ୟୁବରଣ କରିଥିବା କୁହାଯାଉଛି। ବ୍ୟାରେଜର ଶଟର ପରିଚାଳନା ପାଇଁ ବସାଯାଇଥିବା ଏହି ଟ୍ରାନ୍ସଫର୍ମରଟି ଆଜକୁ ପ୍ରାୟ ୨୦ବର୍ଷ ହେଲା ମୁକୁଳା ପଡ଼ିଛି। ଏହା ଚାରିପଟେ ତାରବାଡ଼ କିମ୍ବା ପାଚେରି ନିର୍ମାଣ ହୋଇ ନ ଥିବାରୁ ଅନେକ ସମୟରେ ଗୋରୁ ଏହା ପାଖକୁ ଚାଲିଗଲେ ମୁକୁଳା ଟ୍ରାନ୍ସଫର୍ମର ସଂସ୍ପର୍ଶରେ ଆସି ମୃତାହତ ହେଉଛନ୍ତି। ଗତ ୨ ବର୍ଷ ତଳେ ଏହି ଟ୍ରାନ୍ସଫର୍ମରରେ ଲାଗି ଗୋଟିଏ ଗାଈ ମରିଥିବା ସ୍ଥାନୀୟ ଲୋକେ ପ୍ରକାଶ କରିଛନ୍ତି। ବିଦ୍ୟୁତ୍ ବିଭାଗ ତରଫରୁ ଏହି ଟ୍ରାନ୍ସଫର୍ମର ଚାରିପଟ ଆବଦ୍ଧ କରିବାକୁ ସାଧାରଣରେ ଦାବି ହେଉଛି।

# କଟକ ଜିଲାରେ ୧୨୮ ଆଶ୍ରୟସ୍ଥଳ ପ୍ରସ୍ତୁତ

**କଟକ ଅଫିସ, ୨୩।୫**

**ୟାସ୍ ପ୍ରସ୍ତୁତିର ସମୀକ୍ଷା କଲେ ଜିଲାପାଳ**
- ଦିବ୍ୟାଙ୍ଗ, ବୃଦ୍ଧ, ଶିଶୁ, ଗର୍ଭବତୀଙ୍କୁ ସୁରକ୍ଷା ଦେବାକୁ ନିର୍ଦ୍ଦେଶ
- ସଚେତନତା କାର୍ଯ୍ୟକ୍ରମ କରିବେ ସ୍ୱେଚ୍ଛାସେବୀ ସଙ୍ଗଠନ

କଟକ ଜିଲାରେ ସମ୍ଭାବ୍ୟ ବାତ୍ୟା 'ୟାସ୍'ର ମୁକାବିଲା ପାଇଁ ଜିଲାପାଳଙ୍କ କାର୍ଯ୍ୟାଳୟରେ ରବିବାର ଭର୍ଚୁଆଲ ମୋଡ୍‌ରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ଭବାନୀ ଶଙ୍କର ଚୟନୀ ସମୀକ୍ଷା କରି ଆଗୁଆ ପଦକ୍ଷେପ ନେବା ସହ ତତ୍ପର ହୋଇ କାର୍ଯ୍ୟ କରିବାକୁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଜିଲାରେ ୨୫ ବାତ୍ୟା ଆଶ୍ରୟସ୍ଥଳୀ ଓ ୧୦୩ଟି ସ୍କୁଲ ଗୃହକୁ ପ୍ରସ୍ତୁତ ରଖାଯାଇଛି। ବାତ୍ୟା ନିମନ୍ତେ ସ୍ଥାନାନ୍ତର ହେବାକୁ ଥିବା ବ୍ୟକ୍ତିଙ୍କ କୋଭିଡ୍ ଟେଷ୍ଟ କରିବାକୁ ଜିଲାପାଳ କହିଥିଲେ। ଖାଦ୍ୟ, ପାନୀୟ, ଆଲୋକ ବ୍ୟବସ୍ଥା କରିବା ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେବା ସହ ସଚେତନତା କାର୍ଯ୍ୟକ୍ରମ କରିବାକୁ ସ୍ୱେଚ୍ଛାସେବୀ ସଙ୍ଗଠନଗୁଡ଼ିକୁ ପରାମର୍ଶ ଦେଇଥିଲେ। ଦିବ୍ୟାଙ୍ଗ, ବୃଦ୍ଧ, ଶିଶୁ ଓ ଗର୍ଭବତୀଙ୍କ ସୁରକ୍ଷା ଉପରେ ଦୃଷ୍ଟି ରଖିବାକୁ ଅଧିକାରୀମାନଙ୍କୁ କୁହାଯାଇଛି। ସମସ୍ତ ବିଭାଗ ମଧ୍ୟରେ ଉପଯୁକ୍ତ ସମନ୍ୱୟ ରଖି କାର୍ଯ୍ୟ କରିବା ଉପରେ ଜିଲାପାଳ ଗୁରୁତ୍ୱାରୋପ କରିଛନ୍ତି।


ସମ୍ଭାବ୍ୟ ବାତ୍ୟା ପୂର୍ବରୁ ଓଡ୍ରାଫ ଟିମ୍‌ର ପ୍ରସ୍ତୁତି।

ଔଷଧ, ଅତ୍ୟାବଶ୍ୟକ ସାମଗ୍ରୀ, ଖାଦ୍ୟ, ଜଳ ଓ ବିଦ୍ୟୁତ ଯୋଗାଣ, ଗଛକଟା ଯନ୍ତ୍ର ଆଦି ପ୍ରସ୍ତୁତ ରଖାଯିବାକୁ ନିଷ୍ପତ୍ତି ହୋଇଛି। ବୈଠକରେ ଅତିରିକ୍ତ ଜିଲାପାଳ ପୂର୍ଣ୍ଣଚନ୍ଦ୍ର ମିଶ୍ର, ଜିଲା ଜରୁରିକାଳୀନ ଅଧିକାରୀ ପ୍ରଦୀପ ତ୍ରିପାଠୀ, ଓସ୍‌ଡମା ପ୍ରକଳ୍ପ ଅଧିକାରୀ ବାପି ବିଶ୍ୱନାଥ ସାହୁଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ, ନିର୍ବାହୀ ଯନ୍ତ୍ରୀ, ବିଡିଓ ଓ ତହସିଲଦାରମାନେ ଉପସ୍ଥିତ ଥିଲେ।

# ବାତ୍ୟା ପାଇଁ ସିଏମ୍‌ସି ଖୋଲିଲା ନିୟନ୍ତ୍ରଣ କକ୍ଷ

**କଟକ ଅଫିସ, ୨୩।୫:**

ସମ୍ଭାବ୍ୟ ବାତ୍ୟା ୟାସ୍ ନିମନ୍ତେ କଟକ ମହାନଗର ନିଗମ (ସିଏମ୍‌ସି) ପକ୍ଷରୁ ବିକାଶ ଭବନ ପରିସରରେ ୨୪ଘଣ୍ଟିଆ ନିୟନ୍ତ୍ରଣ କକ୍ଷ ଖୋଲାଯାଇଛି। ଏଥିନିମନ୍ତେ ୧୮୦୦-୩୪୫-୬୭୨୮ ଓ ୦୬୭୧-୨୩୧୦୪୭୨, ୨୩୧୧୨୪୪ ନମ୍ବର ଉପଲବ୍ଧ ଅଛି। ସିଏମ୍‌ସି ସଚିବ ଲତାଶ୍ରୀ ବାଗଙ୍କୁ ନୋଡାଲ ଅଫିସର, ଡେପୁଟି କମିଶନର ଅବିନାଶ ରାଉତଙ୍କୁ ଡାକବାଜି ଯନ୍ତ୍ର ପ୍ରଚାର, ଗାଡ଼ି ବ୍ୟବସ୍ଥା, ଲୋକଙ୍କ ସ୍ଥାନାନ୍ତରଣ ଏବଂ ବସ୍ତି ଉନ୍ନୟନ ଅଧିକାରୀ ଅମ୍ରିତ ସରକାରଙ୍କୁ ରିଲିଫ୍ ସାମଗ୍ରୀ ବ୍ୟବସ୍ଥା, ୱାର୍ଡ ଅଫିସର/ମାଇକ୍ରୋ ଟିମ୍‌ଙ୍କୁ ୱାର୍ଡସ୍ତରୀୟ କାର୍ଯ୍ୟ ପରିଚାଳନା ନିମନ୍ତେ ନିୟୋଜିତ କରାଯାଇଛି। ଚିହ୍ନଟ ହୋଇଥିବା ୨୫ଟି ଆଶ୍ରୟସ୍ଥଳୀରେ ପାନୀୟଜଳ, ଖାଦ୍ୟ, ସ୍ୱାସ୍ଥ୍ୟ, ପରିମଳ ଓ ଆଲୋକ ବ୍ୟବସ୍ଥା ପାଇଁ ସମ୍ପୃକ୍ତ ଅଧିକାରୀମାନଙ୍କୁ ଦାୟିତ୍ୱ ଦିଆଯାଇଛି। ଆଶ୍ରୟସ୍ଥଳୀଗୁଡ଼ିକୁ ସେକ୍ଟର ଅଫିସରମାନେ ପର୍ଯ୍ୟବେକ୍ଷଣ ଓ ପରିଚାଳନା କରିବେ । ସିଏମ୍‌ସିର ଯନ୍ତ୍ରୀ ବିଭାଗ ଏବଂ ଜାଇକା ଦ୍ୱାରା ପରିଚାଳିତ ସମସ୍ତ ସ୍ଲୁଇସ୍ ଗେଟ୍ ଖୋଲା ରଖାଯାଇଛି। ସହରର ବିଭିନ୍ନ ତଳିଆ ଅଞ୍ଚଳରେ ବର୍ଷାଜଳ ନିଷ୍କାସନ ନିମନ୍ତେ ୧୦୨ଟି ପମ୍ପସେଟ୍ ରହିଛି। ସେହିପରି ସହରର ପ୍ରମୁଖ କୋଭିଡ୍ ହସ୍ପିଟାଲ ଏବଂ କୋଭିଡ କେୟାର ସେଣ୍ଟରଗୁଡ଼ିକୁ ନିରବଚ୍ଛିନ୍ନ ପାନୀୟଜଳ, ବିଦ୍ୟୁତ୍ ଓ ଅକ୍ସିଜେନ ବ୍ୟବସ୍ଥାର ପ୍ରସ୍ତୁତି ଶେଷ ହୋଇଛି ବୋଲି ସିଏମ୍‌ସି ପକ୍ଷରୁ ରବିବାର ଏକ ପ୍ରେସ୍ ବିବୃତି ଜରିଆରେ ସୂଚନା ଦିଆଯାଇଛି।


ସପ୍ତାହାନ୍ତ ଶଟ୍‌ଡାଉନ୍ ଯୋଗୁ ରବିବାର କଟକ କ୍ୟାଣ୍ଟନମେଣ୍ଟ ରାସ୍ତା ଖାଁ ଖାଁ।

## ଜଳିଗଲା ୪ବଖରା

### ଜରୁରୀ କାଗଜପତ୍ର ନଷ୍ଟ

**ସାଲେପୁର, ୨୩।୫(ଡି.ଏନ୍.ଏ.)**

ସାଲେପୁର ବ୍ଲକ ଅନ୍ତର୍ଗତ ଗୋପୀନାଥପୁର ଶାସନ ସାହିରେ ରବିବାର ସକାଳେ ଅଗ୍ନିକାଣ୍ଡ ଘଟି ୪ବଖରା ଜଳିଯାଇଛି। ନିଆଁରେ ହୃଷୀକେଶ ମଲ୍ଲଙ୍କ ୩ ବଖରା ଓ ଯୁଧିଷ୍ଠିର ରାଉତଙ୍କ ଏକ ବଖରା ଜଳିଯାଇଛି। ସେମାନଙ୍କ ଘରେ ଥିବା ଧାନ, ଚାଉଳ, ମୁଗ, ବିରି ସମେତ ସମସ୍ତ ଆସବାବପତ୍ର ପୋଡ଼ି ପାଉଁଶ ହୋଇଯାଇଛି। ବିଦ୍ୟୁତ୍ ଶର୍ଟସର୍କିଟ କାରଣରୁ ନିଆଁ ଲାଗିଥିବା ଆଶଙ୍କା କରାଯାଉଛି। ସାଲେପୁର ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଛି। ବିପନ୍ନ ପରିବାରକୁ ସହାୟତା ପ୍ରଦାନ ପାଇଁ ଗ୍ରାମବାସୀଙ୍କ ପକ୍ଷରୁ ଦାବି ହୋଇଛି।

## ରାଜସ୍ୱ ନିରୀକ୍ଷକଙ୍କୁ ଆକ୍ରମଣ ଘଟଣା: ୨ ଗିରଫ

**ନିଶ୍ଚିନ୍ତକୋଇଲି, ୨୩।୫(ସ୍ୱ.ପ୍ର.)**

କଟକ ଜିଲା ମାହାଙ୍ଗା ତହସିଲରେ ବେଆଇନ୍ ବାଲି ବୋଝେଇ ଗାଡ଼ି ଉପରେ ଚଢ଼ାଉବେଳେ ପୋଲିସ ଉପସ୍ଥିତିରେ ରାଜସ୍ୱ ନିରୀକ୍ଷକ ଗଣେଶ୍ୱର ହେମ୍ବ୍ରମ୍‌ଙ୍କୁ ଶନିବାର ଆକ୍ରମଣ କରାଯାଇଥିଲା। ଏହି ଘଟଣାରେ ପୋଲିସ ୨ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ତମନ ସାହୁ (୬୦) ଓ ତାଙ୍କ ପୁଅ ଜ୍ୟୋତି ରଞ୍ଜନ ସାହୁ(୨୧)। ଏହି ଘଟଣାରେ ୬ ଜଣ ଅଭିଯୁକ୍ତ ଥିବା ବେଳେ ପୋଲିସ ଅନ୍ୟମାନଙ୍କୁ କେବେ ଗିରଫ କରିବ ସେନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସୂଚନାଯୋଗ୍ୟ, ମାହାଙ୍ଗା ତହସିଲ ଅଧୀନ ବିରୂପା ନଦୀରୁ ବେଆଇନ ବାଲି ଚାଲାଣ ସମ୍ପର୍କରେ ଖବରର ପାଇ ଗଣେଶ୍ୱର ସେଠାରେ ଚଢ଼ାଉ କରି ବେଆଇନ୍ ବାଲି ବୋଝେଇ ଟ୍ରାକ୍ଟରକୁ ଜବତ କରିଥିଲେ। ଏହି ସମୟରେ ତାଙ୍କ ସହ ପୋଲିସ କର୍ମଚାରୀମାନେ ଉପସ୍ଥିତ ଥିଲେ। ଚଢ଼ାଉବେଳେ ସମ୍ପୃକ୍ତ ଟ୍ରାକ୍ଟର ମାଲିକ ଓ ଚାଳକ ଗଣେଶ୍ୱରଙ୍କୁ ଆକ୍ରମଣ କରିଥିଲେ। ମାତ୍ର ପୋଲିସ କର୍ମଚାରୀମାନେ ସେହି ସମୟରେ ଚୁପ୍ ରହିଥିଲେ। ଏନେଇ ଗଣେଶ୍ୱରଙ୍କ ଅଭିଯୋଗ କ୍ରମେ ଥାନାରେ ମାମଲା (ନଂ.୧୮/୨୧) ରୁଜୁ ହୋଇଥିଲା। ଏସମ୍ପର୍କରେ ମାହାଙ୍ଗା ଥାନା ଅଧିକାରୀ ରଞ୍ଜନ ପ୍ରଧାନ କୁହନ୍ତି, ଅଭିଯୋଗ ପରେ ପୋଲିସ ମାମଲା ରୁଜୁ କରିଛି। ୨ ଜଣଙ୍କୁ ଗିରଫ କରାଯାଇଛି। ଅନ୍ୟ ଅଭିଯୁକ୍ତଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ।

## ଦ୍ରୁତଗତି ହିଁ ଦୁର୍ଘଟଣାର ମୁଖ୍ୟ କାରଣ

**କଟକ ଅଫିସ, ୨୩।୫**

ସଡ଼କ ଦୁର୍ଘଟଣାକୁ ରୋକିବା ଓ ସଚେତନ ସୃଷ୍ଟି କରୁଥିବା ଫୋରମ ଫର୍ ପ୍ରିଭେନଶନ ଅଫ୍ ରୋଡ ଆକ୍ସିଡେଣ୍ଟ ପକ୍ଷରୁ ରବିବାର ଏକ ୱେବିନାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଫୋରମର ସମ୍ପାଦିକା ଲିପ୍ସା ମହାପାତ୍ର ସ୍ୱାଗତ ଭାଷଣ ଦେଇଥିଲେ। ଫୋରମ ପକ୍ଷରୁ ମେ ୧୭ରୁ ୨୩ ତାରିଖ ପର୍ଯ୍ୟନ୍ତ ମିଳିତ ଜାତିସଂଘ ସଡ଼କ ସୁରକ୍ଷା ସପ୍ତାହ ପାଳନ କରାଯାଇଛି। ୱେବିନାରରେ ବାଣିଜ୍ୟ ଓ ପରିବହନ ବିଭାଗ ପ୍ରମୁଖ ସଚିବ ମଧୁସୂଦନ ପାଢ଼ୀ, ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ, ନୂଆଦିଲ୍ଲୀସ୍ଥିତ ସେଣ୍ଟ୍ରାଲ ରୋଡ ରିସର୍ଚ୍ଚର ମୁଖ୍ୟ ବୈଜ୍ଞାନିକ ଡ. ଏ. ମୋହନ ରାଓ, ରାଜସ୍ଥାନ ଭିଲୱାଡା ଜିଲାର ପରିବହନ ଅଧିକାରୀ ଡ. ବୀରେନ୍ଦ୍ର ସିଂ ରାଠୋର, ଭାରତ ସରକାରଙ୍କ ପରିବହନ ଓ ଜାତୀୟ ରାଜପଥ ମନ୍ତ୍ରଣାଳୟର ଅତିରିକ୍ତ ଡାଇରେକ୍ଟର ଜେନେରାଲ ଧର୍ମାନନ୍ଦ ଷଡ଼ଙ୍ଗୀ ଯୋଗଦେଇ ଗାଡ଼ିର ବେଗ ନିୟନ୍ତ୍ରଣ ଓ କାର୍ଯ୍ୟାନୁଷ୍ଠାନ ଉପରେ ନିଜ ମନ୍ତବ୍ୟ ରଖିଥିଲେ। ମୁଖ୍ୟତଃ ଦ୍ରୁତଗତିରେ ଗାଡ଼ିଚାଳନା ଯୋଗୁ ଦୁର୍ଘଟଣା ଘଟୁଛି ବୋଲି ମତ ପ୍ରକାଶ ପାଇଛି। ୨୦୧୯ରେ ରାଜ୍ୟରେ ୧୧ ହଜାର ୬୪ଟି ସଡ଼କ ଦୁର୍ଘଟଣାରେ ୧୧ ହଜାର ୧୭୭ ଆହତ ଓ ୫ ହଜାର ୩୩୩ ଜଣ ପ୍ରାଣ ହରାଇଥିଲେ। ମୋଟ ସଡ଼କ ଦୁର୍ଘଟଣାର ୬୯ ପ୍ରତିଶତ ଦ୍ରୁତଗତିରେ ଗାଡ଼ି ଚାଳନାରୁ ଦୁର୍ଘଟଣା ଘଟିଥିବା ଜଣାପଡ଼ିଛି। କଟକ - ଭୁବନେଶ୍ୱରରେ ୨୦୧୯ରେ ୧ ହଜାର ୫୧ ଦୁର୍ଘଟଣା ଘଟି ୩୩୭ଜଣଙ୍କ ଜୀବନ ଯାଇଛି। ଏହି ଦୁଇ ସହରରେ ୫୨% ଦୁର୍ଘଟଣା ଗାଡ଼ିର ଦ୍ରୁତ ଗତି କାରଣରୁ ଘଟିଛି। ଫୋରମ ସମ୍ପାଦିକା ଲିପ୍ସା ମହାପାତ୍ର କହିଛନ୍ତି, ସହରରେ ଯାନବାହନର ଘଣ୍ଟା ପ୍ରତି ବେଗ ୩୦ କି.ମି. ରହିଲେ ଦୁର୍ଘଟଣା ଏଡ଼ାଯାଇପାରିବ।

## ୫୦୦୦ରୁ ଊର୍ଦ୍ଧ୍ୱଙ୍କୁ ସ୍ଥାନାନ୍ତର ନିଷ୍ପତ୍ତି

**ନିଶ୍ଚିନ୍ତକୋଇଲି/ସାଲେପୁର, ୨୩।୫ (ସ୍ୱ.ପ୍ର./ଡି.ଏନ୍.ଏ.)**

**ସମ୍ଭାବ୍ୟ ବାତ୍ୟାର ମୁକାବିଲା ପାଇଁ ପ୍ରସ୍ତୁତି**

ବାତ୍ୟା 'ୟାସ୍'କୁ ନେଇ କଟକ ଜିଲା ନିଶ୍ଚିନ୍ତକୋଇଲି ଓ ସାଲେପୁର ବ୍ଲକ ପ୍ରଶାସନ ରବିବାର କ୍ରିୟାଶୀଳ ହୋଇପଡ଼ିଛି। ନିଶ୍ଚିନ୍ତକୋଇଲି ବ୍ଲକରେ ବିପଦସଙ୍କୁଳ ଅବସ୍ଥାରେ ରହୁଥିବା ୧୫୦୦ରୁ ଊର୍ଦ୍ଧ୍ୱ ପରିବାରର ୫୦୦୦ରୁ ଊର୍ଦ୍ଧ୍ୱ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରିବାକୁ ବ୍ଲକ ପ୍ରଶାସନ ନିଷ୍ପତ୍ତି ନେଇଛି। ଏହି ବ୍ଲକର ୩ ବାତ୍ୟା ଆଶ୍ରୟସ୍ଥଳ ଯଥା ଦାଉଦପୁର, ଶିର୍ଲୋ ଓ ନଗସପୁରଠାରେ ବାତ୍ୟା ମୁକାବିଲା ପାଇଁ ପ୍ରଶିକ୍ଷିତ ସ୍ୱେଚ୍ଛାସେବୀମାନଙ୍କୁ ଏକତ୍ରିତ କରାଯାଇଛି।ଏହାବାଦ୍ ୭୯ ବିଦ୍ୟାଳୟରେ ଅସ୍ଥାୟୀ ବାତ୍ୟା ଆଶ୍ରୟସ୍ଥଳ କରାଯାଇଛି। କୋଭିଡ୍ କଟକଣାକୁ ଆଖିଆଗରେ ରଖି ପିପିଇ କିଟ୍‌ପିନ୍ଧି କରୋନା ଆକ୍ରାନ୍ତଙ୍କମାନଙ୍କୁ ଉଦ୍ଧାର କରିବା ପାଇଁ ବ୍ୟବସ୍ଥା କରାଯାଇଛି। ଆସନ୍ନ ପ୍ରସବାମାନଙ୍କୁ ୨୪ ତାରିଖ ପୂର୍ବରୁ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିବା ପାଇଁ ସ୍ୱାସ୍ଥ୍ୟବିଭାଗ ପକ୍ଷରୁ ପଦକ୍ଷେପ ନିଆଯାଇଛି। ସମ୍ଭାବ୍ୟ ବାତ୍ୟାର ମୁକାବିଲା ପାଇଁ ସରପଞ୍ଚ, ଅଙ୍ଗନୱାଡି କର୍ମୀ, ଆଶାକର୍ମୀ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସଜାଗ ରହିବା ପାଇଁ ବ୍ଲକ ପ୍ରଶାସନ ନିର୍ଦ୍ଦେଶନାମା ଜାରି କରିଛି । ପ୍ରତି ପଞ୍ଚାୟତରେ ଶୁଖିଲା ଖାଦ୍ୟ ମହଜୁଦ ରଖିବା ସହ ରନ୍ଧାଖାଦ୍ୟ ପାଇଁ ପ୍ରସ୍ତୁତ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହି ସମୟରେ କୌଣସି କର୍ମଚାରୀ ନିଜର ଅବସ୍ଥିତି ସ୍ଥାନ ନ ଛାଡ଼ିବା ପାଇଁ ବିଡିଓ କର୍ଣ୍ଣଦେବ ସମାଦ୍ଦାର ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ସାଲେପୁର ପ୍ରଶାସନ ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ବ୍ଲକ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସାଲେପୁର ବିଡିଓ ଦେବରାଜ ସେଠୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ସାଲେପୁର ତହସିଲଦାର ଦିବ୍ୟଜ୍ୟୋତି ସ୍ମୃତିରଞ୍ଜନ ଦେଓ, ମେଡିକାଲ ଅଫିସର ଡା. ବିଜୟ କୁମାର ପ୍ରଧାନ, ସାଲେପୁର ଆଇଆଇସି ବିଜୟ କୁମାର ବିଶିଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ। ସାଲେପୁର ବ୍ଲକରେ ବାତ୍ୟା ଆଶ୍ରୟସ୍ଥଳ ନ ଥିବାରୁ ସମ୍ଭାବ୍ୟ ବାତ୍ୟାକୁ ଆଖିଆଗରେ ରଖି ମାଟି ଘରେ ରହିଥିବା ଲୋକଙ୍କୁ ୫୧ ବିଦ୍ୟାଳୟରେ କରାଯାଇଥିବା ଅସ୍ଥାୟୀ ବାତ୍ୟା ଆଶ୍ରୟସ୍ଥଳକୁ ସ୍ଥାନାନ୍ତର କରିବାକୁ ବୈଠକରେ ସ୍ଥିର ହୋଇଥିଲା। ସେହିପରି କରୋନା ଆକ୍ରାନ୍ତଙ୍କୁ ଡ୍ରିମ୍‌ସ କୋଭିଡ୍ ସେଣ୍ଟରକୁ ପଠାଇବା ପାଇଁ କୁହାଯାଇଛି। ବାତ୍ୟା ମୁକାବିଲା ପାଇଁ ବ୍ଲକସ୍ତରୀୟ ଓ ପଞ୍ଚାୟତସ୍ତରୀୟ କମିଟି ଗଠନ କରାଯାଇଛି। ସମ୍ଭାବ୍ୟ ବାତ୍ୟା ମୁକାବିଲା ପାଇଁ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି ବୋଲି ବିଡିଓ ସେଠୀ କହିଛନ୍ତି।

## କଣ୍ଟ୍ରୋଲ ଗହମ ବୋଝେଇ ଗାଡ଼ି ଜବତ: ୨ ଅଟକ

**ନିଶ୍ଚିନ୍ତକୋଇଲି, ୨୩।୫(ସ୍ୱ.ପ୍ର.)**

ମାହାଙ୍ଗା ଥାନା ଭଦ୍ରେଶ୍ୱର ଫାଣ୍ଡି ଅଧୀନ ଓସ୍ତପୁର ଗ୍ରାମରୁ ରବିବାର ରାତିରେ ବେଆଇନ ଭାବେ କଣ୍ଟ୍ରୋଲ ଗହମ ନେଉଥିବା ଏକ ଟାଟା ଏସିଇକୁ ପୋଲିସ ଧରିଛି। ଉକ୍ତ ଗାଡ଼ିରୁ ୨୦ ବସ୍ତା ଗହମ ଜବତ ହୋଇଛି। ଏ ନେଇ ପୋଲିସ ୨ଜଣଙ୍କୁ ଫାଣ୍ଡିରେ ଅଟକ ରଖିଛି। ଜଣେ ଚୌଦ୍ୱାର ଅଞ୍ଚଳର ହୋଇଥିବା ବେଳେ ଅନ୍ୟ ଜଣେ ମାହାଙ୍ଗା ବ୍ଲକ ଅନ୍ତର୍ଗତ ଭଡଁରିଆ ପଞ୍ଚାୟତର ବୋଲି ପୋଲିସ କହିଛି। ସୂଚନା ଅନୁସାରେ, ଯୁବକଦ୍ୱୟ ଓସ୍ତପୁରରୁ ଗହମ ବୋଝେଇ କରି ଭଡଁରିଆ ଅଭିମୁଖେ ଯାଉଥିଲେ। ଭଦ୍ରେଶ୍ୱର ଫାଣ୍ଡି ପକ୍ଷରୁ ପାଟ୍ରୋଲିଂ ବେଳେ ଉକ୍ତ ଗାଡ଼ିକୁ ଜବତ କରାଯାଇଥିଲା। ବାତ୍ୟା ସମୟରେ ସରକାରୀ ଯୋଗାଣ ସାମଗ୍ରୀର ସୁଷମ ବଣ୍ଟନ ପାଇଁ ନିର୍ଦ୍ଦେଶ ଥିବାବେଳେ ରାତିଅଧିଆ ସରକାରୀ ଗହମ କିପରି ଚାଲାଣ ହେଉଥିଲା ସେନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏ ସମ୍ପର୍କରେ ସାଲେପୁର ଏସ୍‌ଡିପିଓ ପ୍ରଶାନ୍ତ ମାଝି କହିଛନ୍ତି, ତଦନ୍ତ ଚାଲିଛି। ଏହାପରେ ସତ୍ୟାସତ୍ୟ ପଦାକୁ ଆସିବ।

## ୧୪ନଂ. ୱାର୍ଡ ମାଇକ୍ରୋ କଣ୍ଟେନ୍‌ମେଣ୍ଟ

**କଟକ ସଦର, ୨୩।୫ (ଡି.ଏନ୍.ଏ.)**

କଟକ ସଦର ବ୍ଲକ ଅନ୍ତର୍ଗତ କିଶୋର ନଗର ପଞ୍ଚାୟତର ୧୪ନଂ. ୱାର୍ଡକୁ କଣ୍ଟେନ୍‌ମେଣ୍ଟ ଜୋନ ଭାବେ ରବିବାର ଘୋଷଣା କରାଯାଇଛି। ଏ ନେଇ ସରପଞ୍ଚ ରଶ୍ମିତା ମହାନ୍ତି ୨୩ତାରିଖ ରାତିରୁ ୨୬ତାରିଖ ପର୍ଯ୍ୟନ୍ତ ବାହାର ଲୋକଙ୍କର ପ୍ରବେଶକୁ ନିଷେଧ କରାଯାଇଛି। ସାମନ୍ତରାପୁର ଗ୍ରାମର ଏହି ୱାର୍ଡରେ କରୋନା ସଂକ୍ରମିତଙ୍କ ସଂଖ୍ୟା ବୃଦ୍ଧି ପାଉଥିବାରୁ ଏହି ପଦକ୍ଷେପ ନିଆଯାଇଛି ବୋଲି ସରପଞ୍ଚ ମହାନ୍ତି ପ୍ରକାଶ କରିଛନ୍ତି।

## ଖବରଦାତାଙ୍କୁ ତାଗିଦ୍ କଲେ ବିଡିଓ

**କଣ୍ଟାପଡା, ୨୩।୫(ଡି.ଏନ୍.ଏ.)**

ସମ୍ଭାବ୍ୟ ବାତ୍ୟା ୟାସ୍ ଆସୁଥିବାକୁ ନେଇ ରବିବାର ବିଭିନ୍ନ ଗଣମାଧ୍ୟମର ପ୍ରତିନିଧିମାନେ ପ୍ରଶାସନର ପୂର୍ବପ୍ରସ୍ତୁତି ସମ୍ପର୍କରେ ଜାଣିବା ପାଇଁ କଣ୍ଟାପଡ଼ା ବ୍ଲକ କାର୍ଯ୍ୟାଳୟକୁ ଯାଇଥିଲେ। ହେଲେ ସେଠାରେ କୌଣସି ଅଧିକାରୀଙ୍କର ଦେଖା ମିଳି ନ ଥିଲା। ଶେଷରେ ବିଡିଓ ଶୁଭଶ୍ରୀ ରଥଙ୍କୁ ଟେଲିଫୋନ ଯୋଗେ ଯୋଗାଯୋଗ କରାଯାଇଥିଲା। ଫୋନ ଉଠାଇ ବିଡିଓ ଚିଡ଼ିଯାଇଥିଲେ ଓ ରବିବାର ଶଟ୍‌ଡାଉନ ଥିବାରୁ ଗଣମାଧ୍ୟମ ପ୍ରତିନିଧିଙ୍କୁ ବାହାରେ ବୁଲିବା ପାଇଁ କିଏ ଅନୁମତି ଦେଲା ବୋଲି ପାଲଟା ପ୍ରଶ୍ନ କରିଥିଲେ। ଉଲ୍ଲେଖଯୋଗ୍ୟ, ରାଜ୍ୟ ସରକାର ଖବରଦାତାମାନଙ୍କୁ କରୋନା ଯୋଦ୍ଧାର ଆଖ୍ୟା ଦେଇ ଲକ୍‌ଡାଉନ ଓ ଶଟ୍‌ଡାଉନ ସମୟରେ ଖବର ସଂଗ୍ରହ ପାଇଁ ଅନୁମତି ଦେଇଛନ୍ତି। ଏବେ କରୋନା ସହିତ ଲଢ଼େଇ ଚାଲୁଥିବାବେଳେ ପୁଣି ବାତ୍ୟା ଆସୁଥିବାରୁ କଣ୍ଟାପଡା ବ୍ଲକ ଅଞ୍ଚଳର ଲୋକମାନେ ଆତଙ୍କିତ ହୋଇପଡିଛନ୍ତି। ବାତ୍ୟା ପୂର୍ବପ୍ରସ୍ତୁତି ସମ୍ପର୍କରେ ଜାଣିବା ପାଇଁ ବିଭିନ୍ନ ଗଣମାଧ୍ୟମର ପ୍ରତିନିଧିଙ୍କୁ ବିଡିଓଙ୍କର ତାଗିଦ ଓ ତାଚ୍ଛଲ୍ୟ ସମସ୍ତଙ୍କୁ ମର୍ମାହତ କରିଥିଲା। ଏହି ସମୟରେ କଣ୍ଟାପଡା ତହସିଲ ଓ ଓଲଟପୁର ଥାନାର ସମସ୍ତ କର୍ମଚାରୀ ଉପସ୍ଥିତ ଥିବାବେଳେ ବ୍ଲକ କାର୍ଯ୍ୟାଳୟରେ କର୍ମଚାରୀ ନ ଥିଲେ।

# ଜଳବନ୍ଦୀ ହେବ କଟକ ସହର

**କଟକ ଅଫିସ, ୨୩।୫**

ସମ୍ଭାବ୍ୟ ବାତ୍ୟା 'ୟାସ୍'କୁ ଦୃଷ୍ଟିରେ ରଖି ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ୨୫ ତାରିଖରେ କଟକ ପାଇଁ ୟେଲୋ ଓ ୨୬ ତାରିଖ ପାଇଁ ରେଡ୍ ୱାର୍ନିଂ ଜାରି କରାଯାଇଛି। ଏହି ଦୁଇଦିନ କଟକ ଜିଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ଆଶଙ୍କା ରହିଛି। ପ୍ରବଳ ବର୍ଷା ହେଲେ କଟକ ସହରର ଅବସ୍ଥା ଯେ ସଙ୍ଗିନ ହୋଇପଡ଼ିବ, ତାହା ଏବେଠୁ ଜଳଜଳ ଦିଶିଲାଣି। କାରଣ ଶନିବାର ଝିପିଝିପି ବର୍ଷାରେ ସହରର କିଛି ଅଞ୍ଚଳ ଜଳମଗ୍ନ ହୋଇଯାଇଛି। କଟକ ମହାନଗର ନିଗମର ୱାର୍ଡ ନଂ. ୯ ତୁଳସୀପୁର ଖ୍ରୀଷ୍ଟିଆନ ସାହିରେ ଡ୍ରେନରେ ଇଟା ଓ ମାଟି ପଡ଼ି ଡ୍ରେନ ବନ୍ଦ ହୋଇଯାଇଛି। ଫଳରେ ସାହି ଭିତରେ ଦୀର୍ଘ ଦିନ ହେବ ପାଣି ଜମିରହିଛି। ଏଥିଯୋଗୁ ସାହିବାସିନ୍ଦା ହଇରାଣ ହେଉଛନ୍ତି । ସେହିଭଳି ଜିଲାପାଳଙ୍କ ଆବାସିକ କାର୍ଯ୍ୟାଳୟ ପାର୍ଶ୍ୱ ରାସ୍ତାରେ ପାଣି ଜମିଥିବା ଦେଖିବାକୁ ମିଳିଛି। ବର୍ଷାଜଳ ନିଷ୍କାସନ ହୋଇପାରି ନ ଥିବାରୁ ମୃତ୍ତିକା ସଂରକ୍ଷଣ ଅଫିସ ସମ୍ମୁଖ ଜଳମଗ୍ନ ହୋଇଛି। ସେହିପରି ମୁଖ୍ୟ ନାଳଗୁଡିକରେ କୁଢକୁଢ ଅଳିଆ ଗଦା ହୋଇଛି। ଯାହା ଜଳ ନିଷ୍କାସନରେ ବାଧା ସୃଷ୍ଟି କରୁଛି। କେତେକ ସ୍ଥାନରେ ଡ୍ରେନ୍ ସଫା କରାଯାଇ କଡରେ ପଙ୍କ ଗଦାଯାଇଥିଲା। ସାମାନ୍ୟ ବର୍ଷାରେ ସେହି ଆବର୍ଜନା ପୁଣି ଡ୍ରେନ୍‌କୁ ପ୍ରବେଶ କରିଛି। ସୂଚନା ମୁତାବକ କଟକ ସହରରେ ୧୭୨୪ କିଲୋମିଟର ଡ୍ରେନ ପରିବ୍ୟାପ୍ତ ହୋଇଛି। ସେଥିମଧ୍ୟରୁ ୨୯ କି.ମି. ଶାଖା ଡ୍ରେନ, ୬୫୦ କି.ମି. ସର୍ଫେସ ଡ୍ରେନ ଥିବାବେଳେ ବାକି ଛୋଟ ଡ୍ରେନ ରହିଛି। ତେବେ ୭୦ ପ୍ରତିଶତ ଡ୍ରେନ ଖରାପ ଅବସ୍ଥାରେ ରହିଛି। ଅଧିକାଂଶ ସ୍ଥାନରେ ଡ୍ରେନଗୁଡିକରୁ ଜଳ ନିଷ୍କାସନ ହୋଇପାରୁନି। ଏଥିସହ ଅନେକ ଅଞ୍ଚଳରେ ଡ୍ରେନ ଅର୍ଦ୍ଧଭଗ୍ନ ଅବସ୍ଥାରେ ରହିଛି। ଗତ ୧୯ ତାରିଖରେ ରାଜ୍ୟ ସଭା ସଦସ୍ୟ ସୁବାସ ସିଂ ଏ ନେଇ ସିଏମ୍‌ସି କମିଶନର ଅନନ୍ୟା ଦାଶଙ୍କ ସହ ଆଲୋଚନା କରିଥିଲେ। ବର୍ଷାଦିନ ଆସିବା ପୂର୍ବରୁ ନାଳନର୍ଦ୍ଦମାରୁ ଆବର୍ଜନା ସଫା କରିବା ସହ ପଙ୍କୋଦ୍ଧାର କାର୍ଯ୍ୟ ସାରିବାକୁ ପରାମର୍ଶ ଦେଇଥିଲେ। ହେଲେ ଏପର୍ଯ୍ୟନ୍ତ ସିଏମ୍‌ସି ପକ୍ଷରୁ କୌଣସି ଆଖିଦୃଶିଆ କାର୍ଯ୍ୟ ଦେଖିବାକୁ ମିଳିନାହିଁ। ଆଗକୁ ବାତ୍ୟା ଆସୁଥିବାବେଳେ ତଳିଆ ଅଞ୍ଚଳରେ ରହୁଥିବା ଲୋକଙ୍କ ମଧ୍ୟରେ ଜଳବନ୍ଦୀ ନେଇ ଭୟ ବଢିବାରେ ଲାଗିଛି। ତେବେ ଏନେଇ ସିଏମ୍‌ସି କାର୍ଯ୍ୟନିର୍ବାହୀ ଯନ୍ତ୍ରୀ-୨ ଦିବ୍ୟରଞ୍ଜନ ତ୍ରିପାଠୀ କହିଛନ୍ତି, ଚଣ୍ଡିଛକ ପାଖରେ ଜାଇକା କାମ ଚାଲିଥିବାରୁ ଖ୍ରୀଷ୍ଟିଆନ ସାହି ଅଞ୍ଚଳରେ ପାଣି ଜମିଛି। ସମ୍ଭାବ୍ୟ ବାତ୍ୟା ପାଇଁ ବର୍ତ୍ତମାନ ଜାଇକା କାମକୁ ବନ୍ଦ ରଖାଯାଇଛି। କିଛି ସମୟ ମଧ୍ୟରେ ଉକ୍ତ ଅଞ୍ଚଳରୁ ଜଳ ନିଷ୍କାସନ ହୋଇଯିବ। ବର୍ଷାଜଳ ନିଷ୍କାସନ ପାଇଁ ସହରର ମୁଖ୍ୟ ଗେଟ୍‌ଗୁଡ଼ିକ ଖୋଲା ରହିଛି। ଖାନନଗର, ମତ୍ତଗଜପୁର ଆଦି ସ୍ଥାନରେ ଜଳ ନିଷ୍କାସନ ପାଇଁ ଗେଟ ଖୋଲାଯାଇଛି। ଏଥିସହ ୧୦୨ଟି ପମ୍ପ ଲଗାଯାଇଛି। ସବୁଠୁ ବଡ ପମ୍ପିଂ ସିଷ୍ଟମ ପ୍ରସ୍ତୁତ ରହିଛି। ସହରରେ ଜଳସ୍ତର ବଢିବା ମାତ୍ରେ ଏହା କାର୍ଯ୍ୟକାରୀ ହେବ। ସହରର ବିଭିନ୍ନ ସ୍ଥାନ ପରିଦର୍ଶନ କରି ଆମେ ସ୍ଥିତି ଅନୁଧ୍ୟାନ କରିଛୁ। ସମସ୍ତ ବ୍ଲକେଜକୁ ସଫା କରାଯାଇଛି। କୌଣସି ସ୍ଥାନରେ ସମସ୍ୟା ଉପୁଜିବ ନାହିଁ।


କଟକ ସହରର ଏକ ମୁଖ୍ୟ କେନାଲ ଆବର୍ଜନାରେ ପରିପୂର୍ଣ୍ଣ।


ତୁଳସୀପୁର ଖ୍ରୀଷ୍ଟିଆନ ସାହିର ମୁଖ୍ୟ ରାସ୍ତାରେ ପାଣି।

**ୟାସ୍ ପ୍ରଭାବରେ ପ୍ରବଳ ବର୍ଷା ସମ୍ଭାବନା**
- ପୋତିହୋଇପଡ଼ିଛି ଅଧିକାଂଶ ଡ୍ରେନ୍
- ଖ୍ରୀଷ୍ଟିଆନ ସାହିରେ ଜମିରହିଛି ପାଣି

**ସଂକ୍ଷେପରେ**

## କରୋନା ଆକ୍ରାନ୍ତ ମହିଳାଙ୍କ ମୃତ୍ୟୁ

**ଯାଁଳା,୨୩।୫(ଡି.ଏନ୍.ଏ.):** ଜଟଣୀ ବ୍ଲକ ଅନ୍ତର୍ଗତ ଯାଁଳା ଗ୍ରାମର ଜଣେ କରୋନା ଆକ୍ରାନ୍ତ ୪୫ବର୍ଷୀୟା ମହିଳାଙ୍କ ରବିବାର ମୃତ୍ୟୁ ହୋଇଛି। ସୂଚନା ମୁତାବକ, ମହିଳା ଜଣକ କିଛି ଦିନ ଧରି ଥଣ୍ଡା ଜ୍ୱରରେ ପୀଡ଼ିତ ଥିଲେ। ଜ୍ୱର ନ ଛାଡିବାରୁ ସ୍ୱାବ୍ ଟେଷ୍ଟ କରିଥିଲେ। ପରେ ତାଙ୍କ ରିପୋର୍ଟ ପଜିଟିଭ ଆସିଥିଲା। ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ତାଙ୍କୁ ଭୁବନେଶ୍ୱରର ଏକ କୋଭିଡ୍ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଶନିବାର ବିଳମ୍ବିତ ରାତିରେ ତାଙ୍କର ମୃତ୍ୟୁ ଘଟିଥିଲା।

## ଭାଲୁ ଆକ୍ରମଣରେ ଗୋପାଳକ ଗୁରୁତର

**ଟାଙ୍ଗୀ(ଖୋର୍ଦ୍ଧା),୨୩।୫(ଡି.ଏନ୍.ଏ.):** ଖୋର୍ଦ୍ଧା ଜିଲା ଟାଙ୍ଗୀ ବ୍ଲକ ଅନ୍ତର୍ଗତ ନୂଆଗଡ଼ ପଞ୍ଚାୟତ ବୃନ୍ଦାବନପୁର ଗ୍ରାମରେ ଭାଲୁ ଆକ୍ରମଣରେ ଜଣେ ଗୋପାଳକ ଗୁରୁତର ଆହତ ହୋଇଛନ୍ତି। ସେ ହେଲେ କଣ୍ଟୁରୀ ବେହେରା। ଚିକିତ୍ସା ପାଇଁ ତାଙ୍କୁ ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

## ଖବରଦାତାଙ୍କୁ ଗାଳିଗୁଲଜ ଅଭିଯୋଗ

**ଟାଙ୍ଗୀ(ଖୋର୍ଦ୍ଧା),୨୩।୫(ଡି.ଏନ୍.ଏ.):** ରଣପୁର ବ୍ଲକ ଅନ୍ତର୍ଗତ ମୟୁରଝାଲିଆ ଗ୍ରାମରେ ଶନିବାର ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀଙ୍କୁ ଗ୍ରାମବାସୀ ଅଟକ ରଖିଥିଲେ। ଖବର ସଂଗ୍ରହ ପାଇଁ ଯାଇଥିବା ଖବରଦାତାଙ୍କୁ ଗ୍ରାମର କେତେଜଣ ବ୍ୟକ୍ତି ଗାଳିଗୁଲଜ କରିବା ସହ ଜୀବନରେ ମାରିଦେବା ପାଇଁ ଧମକ ଦେଇଥିବା ନେଇ ଚାନ୍ଦପୁର ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗକୁ ଭିତ୍ତିକରି ପୋଲିସ ତଦନ୍ତ ଚଳାଇଛି। ସୂଚନାଥାଉ କି, ମୟୁରଝାଲିଆ ଗ୍ରାମରେ କୋଭିଡ୍ ଟେଷ୍ଟ ରିପୋର୍ଟକୁ ନେଇ ଉତ୍ତେଜନା ଦେଖାଦେଇଥିଲା।

## ୩୪ ୟୁନିଟ୍ ରକ୍ତ ସଂଗ୍ରହ

**ଖୋର୍ଦ୍ଧା ଅଫିସ,୨୩।୫:** କରୋନା ମୁକାବିଲା ସମୟରେ ରକ୍ତ ଭଣ୍ଡାରରୁ ରକ୍ତ ସଙ୍କଟ ଦୂର ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆହ୍ୱାନକ୍ରମେ ବିଜେଡି ପକ୍ଷରୁ ରକ୍ତଦାନ ଶିବିର ଜାରି ରହିଛି। ଖୋର୍ଦ୍ଧା ବ୍ଲକ ବାଜପୁରଠାରେ ରବିବାର ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୩୪ୟୁନିଟ ସଂଗୃହୀତ ହୋଇଥିଲା। କାର୍ଯ୍ୟକ୍ରମରେ ସ୍ଥାନୀୟ ବିଧାୟକ ଜ୍ୟୋତିରୀନ୍ଦ୍ରନାଥ ମିତ୍ର, ଜିଲା ଓଡ଼ିଶା-'ମୋ ପରିବାର' ସଂଯୋଜକ ଦିଲ୍ଲୀପ କୁମାର ହୋତା, ଯୁବ ବିଜେଡି ରାଜ୍ୟ ସମ୍ପାଦକ ରୁଦ୍ରନାଥ ଦତ୍ତ ଉପସ୍ଥିତ ଥିଲେ।

## ପୂର୍ବ ବିବାଦରୁ ଆକ୍ରମଣ, ଅଭିଯୁକ୍ତ ଗିରଫ

**ଜଟଣୀ/ଯାଁଳା,୨୩।୫(ଡି.ଏନ୍.ଏ.):** ଖୋର୍ଦ୍ଧା ଜିଲା ଯାଁଳା ଫାଣ୍ଡି ଅଧୀନ ମୁଣ୍ଡମୁହାଣ ଗ୍ରାମର ଦଳିତ ସାହିରେ ରବିବାର ପୂର୍ବ ବିବାଦକୁ କେନ୍ଦ୍ରକରି ଜଣଙ୍କୁ ମରଣାନ୍ତକ ଆକ୍ରମଣ ହୋଇଛି। ଫଳରେ ସାହିର ଗଜେନ୍ଦ୍ର ନାୟକ ଗୁରୁତର ଆହତ ହୋଇଛନ୍ତି। ତାଙ୍କୁ ଚିକିତ୍ସା ପାଇଁ ମେଡିକାଲରେ ଭର୍ତ୍ତି କରାଯାଇଛି। ଏହି ଘଟଣାରେ ପୋଲିସ ଅଭିଯୁକ୍ତ ଜଗନ ଦାସଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସୂଚନା ଅନୁଯାୟୀ, ସକାଳ ପ୍ରାୟ ୬ଟାରେ ଗଜେନ୍ଦ୍ର ଫୁଲ ତୋଳିବାକୁ ଜଗନଙ୍କ ବାରିକୁ ଯାଇଥିଲେ। ଫୁଲ ତୋଳିବା ସମୟରେ କୌଣସି କାରଣରୁ ଦୁଇ ଜଣକ ମଧ୍ୟରେ ବଚସା ହୋଇଥିଲା। ଫଳରେ ଜଗନ କ୍ରୋଧାନ୍ୱିତ ହୋଇ ଏକ ଚାପଡ଼ରେ ଗଜେନ୍ଦ୍ରଙ୍କୁ ଆକ୍ରମଣ କରିଥିଲେ। ଖବରପାଇ ଯାଁଳା ଫାଣ୍ଡି ପୋଲିସ ଘଟଣାସ୍ଥଳରେ ପହଞ୍ଚି ଗଜେନ୍ଦ୍ରଙ୍କୁ ଚିକିତ୍ସା ପାଇଁ ପଠାଇବା ସହ ଜଗନକୁ ଗିରଫ କରିଥିଲା।

## ଆଇନଜୀବୀଙ୍କ ବିୟୋଗରେ ଶୋକ

**ବାଣପୁର,୨୩।୫(ଡି.ଏନ୍.ଏ.):** ବାଣପୁର ଅଞ୍ଚଳର ବରିଷ୍ଠ ଆଇନଜୀବୀ ଅଲେଖ କୁମାର ମହାନ୍ତିଙ୍କ ୬୮ବର୍ଷ ବୟସରେ ପରଲୋକ ହୋଇଯାଇଛି। ସେ ବାଣପୁର ଓକିଲ ସଂଘର ଜଣେ ସକ୍ରିୟ ସଭ୍ୟ ଥିଲେ। ପରୋପକାରୀ ଆଇନଜୀବୀ ଭାବେ ସ୍ଥାନୀୟ ଅଞ୍ଚଳରେ ପରିଚିତ ଥିଲେ। ଏନେଇ ଓକିଲ ସଂଘ ପକ୍ଷରୁ ଶୋକ ପ୍ରକାଶ କରାଯାଇଛି। ପ୍ରକାଶ ଯେ, ଆଇନଜୀବୀ ମହାନ୍ତି କିଛିଦିନ ଧରି ଉଚ୍ଚ ରକ୍ତଚାପ ଏବଂ ମଧୁମେହ ରୋଗରେ ପୀଡିତ ଥାଇ ଚିକିତ୍ସାଧୀନ ଥିଲେ। ଶୁକ୍ରବାର ହଠାତ୍ ଗୁରୁତର ହୋଇପଡିଥିଲେ। ଚିକିତ୍ସା ପାଇଁ କ୍ୟାପିଟାଲ ହସ୍ପିଟାଲକୁ ତାଙ୍କୁ ସ୍ଥାନାନ୍ତର କରାଯାଇଥିବାବେଳେ ବାଟରେ ତାଙ୍କର ହୃଦ୍‌ଘାତରେ ମୃତ୍ୟୁ ଘଟିଥିଲା।

# ଝାରପଡ଼ା ଜେଲରୁ ବିଦେଶକୁ ଯାଉଥିଲା କଲ୍

- ଚିଟ୍‌ଫଣ୍ଡ ଅଭିଯୁକ୍ତଙ୍କ ସେଲ୍ ନିକଟରୁ ମୋବାଇଲ ଫୋନ୍ ଜବତ
- ନୂଆ ଜେଲ୍ ଅଧୀକ୍ଷକଙ୍କ ଯାଞ୍ଚବେଳେ ମାଟିତଳୁ ମିଳିଲା
- ୨୩ ଦିନରେ ୧୩ ମିଳିଲାଣି

**ଭୁବନେଶ୍ୱର,୨୩।୫(ବ୍ୟୁରୋ)**




କଟକଣା ସତ୍ତ୍ୱେ ଝାରପଡା ଜେଲକୁ ବେଆଇନ ମୋବାଇଲ୍ ଫୋନ୍ ଯାଉଛି। ଯେତେ ଜବତ କଲେ ସେତେ ମିଳୁଛି। ଅଧିକାଂଶ ମୋବାଇଲ୍ ଫୋନ୍ ଦୁର୍ଦ୍ଦାନ୍ତ ଅପରାଧୀ ଓ ହାଇପ୍ରୋଫାଇଲ୍ ଅଭିଯୁକ୍ତଙ୍କ ସେଲ୍ ନିକଟ ମାଟିତଳୁ ମିଳୁଥିବାରୁ ସତେ ଯେମିତି ଏଠାରେ ଖଣି ପଡିଥିବା ଭଳି ଲାଗୁଛି। କେବଳ ମେ' ମାସ ୨୩ ଦିନରେ ୧୩ଟି ଫୋନ୍ ଜବତ ହେଲାଣି। ଜେଲ୍ ଭିତରକୁ ମୋବାଇଲ୍ ଫୋନ୍, ଟଙ୍କା ଓ ନିଶାଦ୍ରବ୍ୟ ଯାଉଥିବାର ଅନେକ ପ୍ରମାଣ ମିଳିଛି। ଭିତରେ ଅପରାଧୀମାନେ ମୋବାଇଲ୍ ଫୋନ୍‌ରେ ଅପରାଧ ନିୟନ୍ତ୍ରଣ କରୁଥିବା ନଜର ରହିଛି। ନିକଟରେ ଜଣେ ଦୁର୍ଦ୍ଦାନ୍ତ ଅପରାଧୀଙ୍କ ସେଲ୍ ନିକଟରୁ ମୋବାଇଲ୍ ଫୋନ୍ ମିଳିବା, କଏଦୀମାନେ କର୍ମଚାରୀଙ୍କୁ ଟଙ୍କା ଦେଇ ନିଶା ସେବନ କରିବା ସହ ମଉଜମସ୍ତି କରୁଥିବାର ଭିଡିଓ ଭାଇରାଲ ହେବା ପରେ ଜେଲ୍ ଅଧୀକ୍ଷକଙ୍କୁ ବଦଳି କରାଯାଇଛି। ନୂତନ ଭାବେ ଯୋଗଦେଇଥିବା ଜେଲ ଅଧୀକ୍ଷକ ସରୋଜ ବିଶ୍ୱାଳଙ୍କ ନେତୃତ୍ୱରେ ରବିବାର ଚଢାଉ ଓ ଯାଞ୍ଚ କରାଯାଇଥିଲା। ଏହି ସମୟରେ ମାଟି ତଳେ ପୋତା ହୋଇଥିବା ଏକ ମୋବାଇଲକୁ ଜବତ କରାଯାଇଛି। ମୋବାଇଲ ଫୋନ୍‌ଟି ଜଣେ ଚିଟ୍‌ଫଣ୍ଡ ଅଭିଯୁକ୍ତଙ୍କ ସେଲ ନିକଟରୁ ମିଳିଛି। ବଡ କଥା ହେଉଛି, ଉକ୍ତ ମୋବାଇଲରୁ ବିଦେଶକୁ ବାରମ୍ବାର କଲ୍ ହୋଇଛି। ତଦନ୍ତବେଳେ ଉକ୍ତ ମୋବାଇଲରୁ ଗୋଟିଏ ମିନିଟକୁ ୧୦୦ ଟଙ୍କା ହିସାବରେ ଆଇଏସ୍‌ଡି କଲ୍ କରାଯାଉଥିଲା। ଏଥିରୁ ଚିଟ୍‌ଫଣ୍ଡ ଅଭିଯୁକ୍ତଙ୍କ ବିଦେଶ ଲିଙ୍କ ରହିଥିବା ଜେଲ ବିଭାଗ ଜାଣିବାକୁ ପାଇଛି। ଏନେଇ ଅଧିକ ତଦନ୍ତ କରାଯାଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ। ଏନେଇ ଲକ୍ଷ୍ମୀସାଗର ଥାନାରେ ଅଭିଯୋଗ ହୋଇଥିବା ଅଧୀକ୍ଷକ ବିଶ୍ୱାଳ କହିଛନ୍ତି।

ସୂଚନାଯୋଗ୍ୟ, କିଛିମାସ ଭିତରେ ଜେଲ୍ ପରିସରରୁ ବିପୁଳ ମୋବାଇଲ୍ ଫୋନ୍ ମିଳିଲାଣି। କେବଳ ମେ' ମାସରେ ୧୩ଟି ମୋବାଇଲ ଫୋନ୍ ଜବତ ହୋଇଛି। ମେ ୧ରେ ଜେଲ୍ ଡିଜିଙ୍କ ନିର୍ଦ୍ଦେଶ ପରେ ଚଢାଉ କରାଯାଇ ଜଣେ ଦୁର୍ଦ୍ଦାନ୍ତ ଅପରାଧୀର ସେଲ ପଛପଟୁ ଗୋଟିଏ ମୋବାଇଲ ଫୋନ ମିଳିଥିଲା। ସେହିପରି ୧୦ ତାରିଖରେ ୯ଟି ଓ ୧୨ ତାରିଖରେ ୨ଟି ମୋବାଇଲ ଫୋନ ଜବତ ହୋଇଥିଲା।



ରବିବାର ସପ୍ତାହାନ୍ତ ଶଟ୍‌ଡାଉନ ପାଇଁ ଜଟଣୀର ମହୁଲଗୁଡ଼ିଆ ଛକ ରାସ୍ତା ଶୂନଶାନ ରହିଛି।

## ୩ଗାଁ ମାଇକ୍ରୋ କଣ୍ଟେନମେଣ୍ଟ ଜୋନ୍

**ଖୋର୍ଦ୍ଧା ଅଫିସ,୨୩।୫**

ଗ୍ରାମାଞ୍ଚଳରେ କରୋନା ସଂକ୍ରମଣ ନିୟନ୍ତ୍ରଣ ଲାଗି ପ୍ରଶାସନ ପକ୍ଷରୁ ମାଇକ୍ରୋ କଣ୍ଟେନମେଣ୍ଟ ଜୋନ୍ ଘୋଷଣା କରାଯାଉଛି। ଏହିକ୍ରମରେ ଖୋର୍ଦ୍ଧା ଜିଲା ବାଣପୁର ବ୍ଲକ ଗଲୁଆ ପଞ୍ଚାୟତର ଭୀମପୁର, ଦେଓଗାଁ ପଞ୍ଚାୟତର ଘଷାଡିହ ଏବଂ ଆୟତପୁର ପଞ୍ଚାୟତର ଆୟତପୁର ଗ୍ରାମକୁ ୧୦ଦିନ ପାଇଁ ମାଇକ୍ରୋ କଣ୍ଟେନ୍‌ମେଣ୍ଟ ଜୋନ ଘୋଷଣା କରାଯାଇଛି। ରବିବାରଠାରୁ ଜୁନ୍ ୧ ପର୍ଯ୍ୟନ୍ତ ଏହି କଟକଣା ବଳବତ୍ତର ରହିବ। ଏହି କଣ୍ଟେନମେଣ୍ଟରେ ରହିଥିବା ପରିବାର ବାହାରକୁ ଯିବେ ନାହିଁ ଏବଂ ବାହାର ଲୋକ ଏହି ଅଞ୍ଚଳରେ ପ୍ରବେଶ କରିବେ ନାହିଁ। ସ୍ଥାନୀୟ ପ୍ରଶାସନ ପକ୍ଷରୁ ସମସ୍ତ ସୁବିଧା ଯୋଗାଇ ଦିଆଯିବ ବୋଲି ଉପଜିଲାପାଳ ଅଶୋକ ବେହୁରିଆ କହିଛନ୍ତି।

# ୩୧୩ ପଜିଟିଭ୍, ୧୮୪ ସୁସ୍ଥ

**ଖୋର୍ଦ୍ଧା ଅଫିସ,୨୩।୫**

ଖୋର୍ଦ୍ଧା ଗ୍ରାମାଞ୍ଚଳରେ କରୋନା ସଂକ୍ରମଣ ଦିନକୁ ଦିନ ବଢ଼ିବାରେ ଲାଗିଛି। ରବିବାର ୩୧୩ ପଜିଟିଭ ଚିହ୍ନଟ ହୋଇଥିବା ବେଳେ ୧୮୪ ସୁସ୍ଥ ହୋଇଛନ୍ତି। ପଜିଟିଭ୍‌ଙ୍କ ମଧ୍ୟରେ ବାଲିଅନ୍ତା ବ୍ଲକର ୩୧, ବାଲିପାଟଣା ୪୪, ଭୁବନେଶ୍ୱର ବ୍ଲକ ୧୩, ଜଟଣୀ ୨୨, ଖୋର୍ଦ୍ଧା ୪୫, ବେଗୁନିଆ ୩୪, ବୋଲଗଡ଼ ୩୫, ଟାଙ୍ଗୀ ୪୨, ଚିଲିକା ୧୯, ବାଣପୁରର ୨୮ଜଣ ରହିଛନ୍ତି। ଜିଲା ପ୍ରଶାସନର ରିପୋର୍ଟ ଅନୁଯାୟୀ, ଗ୍ରାମାଞ୍ଚଳରେ ମୋଟ୍ ୩,୩୭,୬୬୩ଜଣଙ୍କ ନମୁନା ସଂଗ୍ରହ କରାଯାଇଛି। ସେଥିରୁ ୧୯,୫୦୪ ପଜିଟିଭ ଚିହ୍ନଟ ହୋଇଛନ୍ତି। ୧୭,୫୯୮ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ୧,୮୪୯ ସକ୍ରିୟ ସଂକ୍ରମିତ ରହିଛନ୍ତି। ଅନ୍ୟପଟେ ଖୋର୍ଦ୍ଧା ସବ୍‌ଡିଭିଜନରେ ରବିବାର ୨୦୫ ଆକ୍ରାନ୍ତ ହୋଇଥିବା ବେଳେ ୧୩୧ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ରବିବାର ସୁଦ୍ଧା ମୋଟ୍ ୩୨୪୩ ପଜିଟିଭ ଚିହ୍ନଟ ହୋଇଛନ୍ତି। ସେଥିରୁ ୨୧୦୯ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ୧୧୩୪ ସକ୍ରିୟ ସଂକ୍ରମିତ ରହିଛନ୍ତି। ସେହିପରି ଭୁବନେଶ୍ୱର ସବଡିଭିଜନରେ ରବିବାର ସୁଦ୍ଧା ୨୨୯୦ ପଜିଟିଭ ଚିହ୍ନଟ ହୋଇଛନ୍ତି। ତନ୍ମଧ୍ୟରୁ ୧୪୮୯ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ୮୦୧ ସକ୍ରିୟ ସଂକ୍ରମିତ ରହିଥିବା ଭୁବନେଶ୍ୱର ଉପଜିଲାପାଳ ଦେବବ୍ରତ ସାହୁ କହିଛନ୍ତି।

## ଆଜିଠୁ ପୁଣି ବାଣପୁରରେ ଟିକାକରଣ କାର୍ଯ୍ୟକ୍ରମ

**ବାଣପୁର,୨୩।୫(ଡି.ଏନ୍.ଏ.)**

କରୋନା ସଂକ୍ରମଣ ନିୟନ୍ତ୍ରଣ ଲାଗି ଟିକାକରଣ ଜାରି ରହିଛି। ଏହିକ୍ରମରେ ସୋମବାରଠୁ ପୁଣି ବାଣପୁରରେ ଟିକାକରଣ କାର୍ଯ୍ୟକ୍ରମ ଆରମ୍ଭ ହେବ। ଏହି ସପ୍ତାହରେ ୪ ଦିନ ଟିକାଦାନ କାର୍ଯ୍ୟକ୍ରମ ରହିଥିବା ବେଳେ ୪୫ରୁ ଊର୍ଦ୍ଧ୍ୱ ନାଗରିକଙ୍କୁ ପ୍ରଥମ ଡୋଜ୍ ଟିକା ଦିଆଯିବ ବୋଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ଧୂର୍ଜଟି ପ୍ରସାଦ ମହାପାତ୍ର କହିଛନ୍ତି। ସୋମବାର ଏବଂ ମଙ୍ଗଳବାର ସକାଳ ୬ଟାରୁ ବାଣପୁର ମଧ୍ୟ ଇଂରାଜୀ ବିଦ୍ୟାଳୟ ପରିସରରେ ଥିବା ଅସ୍ଥାୟୀ ଟିକା କେନ୍ଦ୍ର ସମେତ ନୀଳାଦ୍ରିପ୍ରସାଦ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ଗମ୍ଭାରୀମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ସୁନାଖଳା ଉପ-ସ୍ୱାସ୍ଥ୍ୟକେନ୍ଦ୍ରରେ ୧୦୦ଜଣ ଲେଖାଏ ନାଗରିକଙ୍କୁ କେବଳ ପ୍ରଥମ ଡୋଜ ଟିକା ଦିଆଯିବ। ସେହିପରି ଗୁରୁବାର ଓ ଶୁକ୍ରବାର ବାଣପୁର ମଧ୍ୟ ଇଂରାଜୀ ବିଦ୍ୟାଳୟ ପରିସରରେ କେବଳ ୧୦୦ଜଣଙ୍କୁ ପ୍ରଥମ ଡୋଜ୍ ଟିକା ଦିଆଯିବ। ଯୋଗ୍ୟ ହିତାଧିକାରୀମାନେ ଠିକ୍ ସମୟରେ ଟିକାଦାନ କେନ୍ଦ୍ରରେ ପହଞ୍ଚିବା ପାଇଁ ପ୍ରଶାସନ ପକ୍ଷରୁ କୁହାଯାଇଛି।

# ଆମ୍ବୁଲାନ୍ସରେ ମଦ ଚାଲାଣ

**ଜଣେ ଗିରଫ, ୧୫୦ ଲିଟର ମଦ ଜବତ**

**ଖୋର୍ଦ୍ଧା ଅଫିସ, ୨୩।୫(ଡି.ଏନ୍.ଏ.)**


ଗିରଫ ଅଭିଯୁକ୍ତ ଏବଂ ଜବତ ହୋଇଥିବା ଦେଶୀ ମଦ।

କରୋନା ସଂକ୍ରମଣ ନିୟନ୍ତ୍ରଣ ଲାଗି ରାଜ୍ୟରେ ଲକ୍‌ଡାଉନ ଓ ସହରାଞ୍ଚଳରେ ସପ୍ତାହାନ୍ତ ଶଟ୍‌ଡାଉନ ଜାରି ରହିଛି। ଏହି ସମୟରେ ଆମ୍ବୁଲାନ୍ସର ଚାହିଦା ବଢ଼ିଛି। ଆମ୍ବୁଲାନ୍ସରେ ରୋଗୀ ଓ ଅକ୍ସିଜେନ ବୁହାଯାଉଛି। କେହି ବି ବାଟରେ ଆମ୍ବୁଲାନ୍ସକୁ ଅଟକାଇଲେ ଅପରାଧ ଭାବେ ଗ୍ରହଣ କରାଯିବ। ଏହାର ଫାଇଦା ଉଠାଉଛନ୍ତି ଚୋରା ମଦ ବ୍ୟବସାୟୀ। ଆମ୍ବୁଲାନ୍ସରେ ଦେଶୀ ମଦ ଚାଲାଣ କରାଯାଉଛି। ରବିବାର ଖୋର୍ଦ୍ଧା ଟାଉନ ପୋଲିସ ହଳଦିଆ ହାଟଛକରୁ ଆମ୍ବୁଲାନ୍ସରୁ ୧୫୦ଲିଟର ଦେଶୀ ମଦ ଜବତ କରିବା ସହ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତ ହେଲେ କଟକ ଜିଲା ଆଠଗଡ଼ ଅଞ୍ଚଳର ସରୋଜ ତ୍ରିପାଠୀ। ସୂଚନା ମୁତାବକ, ହଳଦିଆ ପଟୁ ଏକ ଆମ୍ବୁଲାନରେ ମଦ ଚୋରାଚାଲାଣ ହେଉଥିବା ନେଇ ପୋଲିସକୁ ସୂଚନା ମିଳିଥିଲା। ଖବରପାଇ ଟାଉନ ପୋଲିସ ଓ ସ୍ପେଶାଲ ସ୍କ୍ୱାଡ୍ ଟିମ୍ ରବିବାର ସକାଳେ ହଳଦିଆ ହାଟଛକଠାରେ ଏକ ଆମ୍ବୁଲାନ୍ସକୁ ଅଟକାଇଥିଲେ। ପୋଲିସ ଯାଞ୍ଚ ବେଳେ ଆମ୍ବୁଲାନ୍ସରୁ ପ୍ରାୟ ୧୫୦ଲିଟର ଦେଶୀ ମଦ ଜବତ କରିବା ସହ ଜଣଙ୍କୁ ଗିରଫ କରିଥିଲା। ଏହି ଆମ୍ବୁଲାନ୍ସ ଘରୋଇ କିମ୍ବା କୌଣସି ମେଡିକାଲରେ କାର୍ଯ୍ୟ କରୁଥିଲା। ଏହି ମଦ କାରବାରରେ ଅନ୍ୟ କେଉଁମାନଙ୍କ ସମ୍ପୃକ୍ତି ରହିଛି, ତାହାର ତଦନ୍ତ କରାଯିବ ବୋଲି ଥାନାଧିକାରୀ ସଞ୍ଜୟ ପଟ୍ଟନାୟକ କହିଛନ୍ତି।

**ରଥଖଳାରୁ**

## ଯନ୍ତାପଟା ମାପଚୁପ ସରି ବିନ୍ଧ କାମ ଚାଲିଛି

**ପୁରୀ ଅଫିସ, ୨୩।୫**

ଘୋଷଯାତ୍ରା ପାଇଁ ରଥ ନିର୍ମାଣ କାର୍ଯ୍ୟ ଆଗେଇ ଚାଲିଛି। ନବମ ଦିନ ରବିବାର ସନ୍ଧ୍ୟା ସୁଦ୍ଧା ତିନି ରଥର ସମୁଦାୟ ୪୨ଟି ତୁମ୍ବ ତିଆରି ସରି ସୂତାବାଡ଼ିଆ ସହ ଠେକତୁଲିଆ ଓ ଘେର କଟା ହୋଇ ତୁମ୍ବରେ ବିନ୍ଧ କାମ ଜାରି ରହିଛି। ପ୍ରତ୍ୟେକ ରଥ ପାଇଁ ୨ଟି ଲେଖାଏ ଯନ୍ତାପଟାରେ ମାପଚୁପ ସରିଛି। ଦୁଇଟି ଲେଖାଏ ବିନ୍ଧ ପାଇଁ ଦାଗ ଚିହ୍ନ ମରା ସରିଛି। ତାଳଧ୍ୱଜ ରଥର ମୋଟ ୧୪ ତୁମ୍ବର ପ୍ରାରମ୍ଭିକ ଗୋଲେଇ କାମ ଶେଷ ହୋଇଛି। ଦୁଇଟି ତୁମ୍ବର ୧୬ ଯୋଡ଼ା ବିନ୍ଧ ସରିଛି। ଆଉ ଦୁଇଟି ତୁମ୍ବରେ ବିନ୍ଧ କରାଯାଉଛି। ଅନ୍ୟ ତୁମ୍ବଗଡ଼ିକର ଠେକତୁଲିଆ ଓ ଘେରକଟା ଚାଲିଛି। ଦେବଦଳନ ରଥର ମୋଟ ୧୨ ତୁମ୍ବର ବିନ୍ଧ କାମ ଚାଲିଛି। ୫ଟି ତୁମ୍ବର ୧୬ଯୋଡ଼ା ବିନ୍ଧ ଖୋଳା ଶେଷ ହୋଇଛି। ନନ୍ଦିଘୋଷ ରଥର ୧୬ଟି ତୁମ୍ବରୁ ୭ଟିର ବିନ୍ଧ କାର୍ଯ୍ୟ ଶନିବାରଠାରୁ ଆରମ୍ଭ ହୋଇଛି। ରବିବାର ୩ ତୁମ୍ବର ୧୬ ଯୋଡ଼ା ଲେଖାଏ ବିନ୍ଧ ସରିଛି। ବିନ୍ଧ ପରେ ଯନ୍ତାପଟାରେ କୀଳା ସଂଯୋଗ ହେବ ଓ ତୁମ୍ବରେ ଅର ସଂଯୋଗ ପରେ ପଇ ପିନ୍ଧା ଆରମ୍ଭ ହେବ। ଅନ୍ୟପଟେ ଦୋଳ ବେଦି ଅସ୍ଥାୟୀ କମାରଶାଳରେ ଓଝାସେବକମାନେ ତୁମ୍ବରେ ଫିଟିଂ ପାଇଁ ୬ ହଳ ଲେଖାଏ ପନ୍ଦାରି କାମ ସାରିଛନ୍ତି। ସେଗୁଡିକର ବୋଳା କାର୍ଯ୍ୟ ବାକି ରହିଛି। ରବିବାର ରଥ ନିର୍ମାଣ କାର୍ଯ୍ୟରେ ମୋଟ ୧୧୧ ଜଣ ସେବାୟତ ଓ କାରିଗର ନିୟୋଜିତ ଥିଲେ।


ଯନ୍ତାପଟା ତିଆରି କରାଯାଉଛି।

## ଚିକିତ୍ସା ଅବହେଳାରୁ ରୋଗୀଙ୍କ ମୃତ୍ୟୁ ଅଭିଯୋଗ

**ଡାକ୍ତରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି**

**ନିମାପଡ଼ା,୨୩।୫(ଡି.ଏନ୍.ଏ.)**

ନିମାପଡ଼ା ଥାନା ଅନ୍ତର୍ଗତ ଅଣ୍ଡିଆ ସାହି ପାତ୍ର ସାହି ଗ୍ରାମର ଜ୍ଞାନରଞ୍ଜନ ପାତ୍ରଙ୍କର ଗତ ୨୧ତାରିଖରେ କ୍ୟାପିଟାଲ ହସ୍ପିଟାଲରେ ମୃତ୍ୟୁ ଘଟିଥିଲା। ମାତ୍ର ନିମାପଡ଼ା ମେଡିକାଲରେ ଜ୍ଞାନରଞ୍ଜନଙ୍କ ଚିକିତ୍ସାରେ ଅବହେଳା ଓ ଆବଶ୍ୟକ ପରିମାଣରେ ଅକ୍ସିଜେନ ଦିଆଯାଇ ନ ଥିବାରୁ ତାଙ୍କର ମୃତ୍ୟୁ ହେଲା ବୋଲି ଜ୍ଞାନଙ୍କ ଭାଇ ମନୋରଞ୍ଜନ ପାତ୍ର ନିମାପଡ଼ା ଥାନାରେ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ ଏହି ଘଟଣାର ଉଚ୍ଚସ୍ତରୀୟ ତଦନ୍ତ କରାଯାଇ ଚିକିତ୍ସାରେ ଅବହେଳା କରିଥିବା ଡାକ୍ତରଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ସହ ମୃତ ଯୁବକଙ୍କ ପରିବାରକୁ କ୍ଷତିପୂରଣ ଦେବାକୁ ମନୋରଞ୍ଜନ ଦାବି କରିଛନ୍ତି। ସୂଚନାଯୋଗ୍ୟ, ଜ୍ଞାନରଞ୍ଜନଙ୍କ ଦେହ ଖରାପ ଥିବାରୁ ତାଙ୍କ ଚିକିତ୍ସା ପାଇଁ ପରିବାର ଲୋକ ଗତ ଶୁକ୍ରବାର ନିମାପଡ଼ା ମେଡିକାଲରେ ଭର୍ତ୍ତି କରିଥିଲେ। ତାଙ୍କର କୋଭିଡ୍ ପରୀକ୍ଷା କରାଯିବାରେ ରିପୋର୍ଟ ନେଗେଟିଭ ଆସିଥିଲା। ଚିକିତ୍ସା ସମୟରେ ଜ୍ଞାନରଞ୍ଜନଙ୍କ ଅବସ୍ଥା ସଙ୍କଟାପନ୍ନ ହୋଇଯିବାରୁ ତାଙ୍କୁ ଆମ୍ବୁଲାନ୍ସ ଯୋଗେ କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ହେଲେ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ଏ ନେଇ ନିମାପଡ଼ା ମେଡିକାଲ ଦାୟିତ୍ୱରେ ଥିବା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତରଙ୍କୁ ନଂ.୮୨୪୯୩୩୦୦୭୬ରେ ଫୋନ କରାଯାଇଥିଲେ ମଧ୍ୟ ସେ ନ ଉଠାଇବାରୁ ଯୋଗାଯୋଗ ସମ୍ଭବ ହୋଇପାରି ନ ଥିଲା।

## ଖବରଦାତାଙ୍କୁ ଆକ୍ରମଣ ଅତ୍ୟନ୍ତ ନିନ୍ଦନୀୟ

**ଗୋପ,୨୩।୫(ଡି.ଏନ୍.ଏ.)**

ରାଜ୍ୟରେ କାର୍ଯ୍ୟରତ ଗଣମାଧ୍ୟମ ପ୍ରତିନିଧିମାନେ ରୋଷର ଶିକାର ହେଉଛନ୍ତି। ଏଭଳି ଘଟଣା ବାରମ୍ବାର ଘଟୁଥିଲେ ମଧ୍ୟ ସରକାର କୌଣସି ପଦକ୍ଷେପ ନେଉ ନାହାନ୍ତି। ଫଳରେ ପ୍ରତିନିଧିଙ୍କ ସମ୍ମାନ ହାନି ହେଉଛି। ଏଥିପ୍ରତି ସରକାର ଗୁରୁତ୍ୱ ଦେବାର ଆବଶ୍ୟକତା ରହିଛି ବୋଲି ରବିବାର ଗୋପ ଓ କୋଣାର୍କ ଅଞ୍ଚଳର ଗଣମାଧ୍ୟମ ପ୍ରତିନିଧିଙ୍କ ବୈଠକରେ ମତପ୍ରକାଶ ପାଇଛି। ଏଥିସହ ସରକାରଙ୍କ ନିକଟକୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ପ୍ରକାଶ ଯେ, କୋଭିଡ୍ ସମୟରେ ସରକାର ଗଣମାଧ୍ୟମ ପ୍ରତିନିଧିଙ୍କୁ କରୋନା ଯୋଦ୍ଧାଭାବେ ଘୋଷଣା କରିଛନ୍ତି। କରୋନା ସମୟରେ ସମସ୍ତେ ଘରେ ରହିଥିବା ବେଳେ ଖବରଦାତାମାନେ ନିଜ ଜୀବନକୁ ବାଜି ଲଗାଇ ଖବର ସଂଗ୍ରହ କରୁଛନ୍ତି। ଏହି ସମୟରେ ପୁରୀରେ ଜଣେ ଉଠାଦୋକାନୀଙ୍କୁ ପୋଲିସର ଆକ୍ରମଣ ନେଇ ପଚାରିବାରୁ ଉତ୍କ୍ଷିପ୍ତ ହୋଇ ଧରିତ୍ରୀର ଖବରଦାତାଙ୍କ ପ୍ରତି ପୋଲିସ ବର୍ବରୋଚିତ ପୂର୍ବକ ଆଚରଣ କରିଛି। ଏହା ଅତ୍ୟନ୍ତ ନିନ୍ଦନୀୟ। ଏଥିରେ ସମ୍ପୃକ୍ତ ପୋଲିସ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କୋଣାର୍କ ମିଡିଆ ଫୋରମ ସାମ୍ବାଦିକ ସଂଘର ସଭାପତି ମିଳନ ମହାନ୍ତି, ସମ୍ପାଦକ ପ୍ରକାଶ କୁମାର କାଣ୍ଡି, ଦୁର୍ଗା ପ୍ରସାଦ ମହାପାତ୍ର, ଶତ୍ରୁଘ୍ନ ସେନାପତି ପ୍ରମୁଖ ଦାବି କରିଛନ୍ତି।

## ଶ୍ମଶାନରେ ଶବଦାହକୁ ବିରୋଧ

**କରୋନା ସନ୍ଦେହ**

**ଯାଁଳା,୨୩।୫(ଡି.ଏନ୍.ଏ.)**

ଖୋର୍ଦ୍ଧା ଜିଲା ଯାଁଳା ପଞ୍ଚାୟତ ଓଗାଳପଡ଼ା ଅଞ୍ଚଳରେ ରବିବାର ଏକ ଅଭାବନୀୟ ଘଟଣା ଘଟିଛି। ଜଣେ ୬୦ବର୍ଷ ବୟସ୍କ ବ୍ୟକ୍ତିଙ୍କ ମୃତ୍ୟୁ ପରେ ସମ୍ପର୍କୀୟମାନେ ସ୍ଥାନୀୟ ଶ୍ମଶାନକୁ ସତ୍କାର ପାଇଁ ନେଇଥିବା ବେଳେ କେତେଜଣ ବାସିନ୍ଦା ବିରୋଧ କରିଥିଲେ। କରୋନାରେ ତାଙ୍କର ମୃତ୍ୟୁ ହୋଇଥିବା କହି ବିରୋଧ କରିଥିଲେ। ପରେ ବୁଝାଶୁଝା ପରେ ମୃତଦେହ ସଂସ୍କାର କରାଯାଇଥିଲା। ସୂଚନା ଅନୁଯାୟୀ, ରବିବାର ଓଗାଳପଡ଼ା ଅଞ୍ଚଳର ଜଣେ ବ୍ୟକ୍ତିଙ୍କ ବାର୍ଦ୍ଧକ୍ୟଜନିତ ମୃତ୍ୟୁ ହୋଇଥିଲା। ସେ ଦୀର୍ଘଦିନ ଧରି ଶଯ୍ୟାଶାୟୀ ଥିଲେ। ସମ୍ପର୍କୀୟମାନେ ତାଙ୍କ ମୃତଦେହ ସଂସ୍କାର ପାଇଁ ଓଗାଳପଡା ଶ୍ମଶାନକୁ ନେଇଥିଲେ। ସେଠାରେ ମୃତଦେହ ପହଞ୍ଚିବା ପରେ ଓଗାଳପଡ଼ା ଦଳିତ ସାହିର କେତେଜଣ ଲୋକ କରୋନାରେ ତାଙ୍କ ମୃତ୍ୟୁ ହୋଇଥିବା କହି ଏଠାରେ ସତ୍କାର କରାଯିବାକୁ ନେଇ ବିରୋଧ କରିଥିଲେ। ପରେ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ଖବରପାଇ ସରପଞ୍ଚ ପ୍ରଦୋଷ କୁମାର ଜେନା ଓ ଯାଁଳା ଫାଣ୍ଡି ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ପରେ ମୃତଦେହ ସଂସ୍କାର କରାଯାଇଥିଲା।

# ମୁଖ୍ୟ ଅଭିଯୁକ୍ତ ଗିରଫ, ଖଣ୍ଡା ଜବତ

**ପେଟ୍ରୋଲ ପମ୍ପ କର୍ମଚାରୀଙ୍କଠାରୁ ୫.୫୦ ଲକ୍ଷ ଲୁଟ୍ ଘଟଣା**

**ଖୋର୍ଦ୍ଧା ଅଫିସ,୨୩।୫**



ଗିରଫ ଅଭିଯୁକ୍ତ ଓ ଜବତ ଖଣ୍ଡା।

ରାମେଶ୍ୱର ଛକ ନିକଟ ପାଇକରାୟ ପେଟ୍ରୋଲ ପମ୍ପର ଦୁଇ କର୍ମଚାରୀଙ୍କଠାରୁ ୫ଲକ୍ଷ ୫୦ହଜାର ଟଙ୍କା ଲୁଟ୍ ଘଟଣାରେ ରବିବାର ପୋଲିସ ମୁଖ୍ୟ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ନିରାକାରପୁର ଥାନା ଅଧୀନ ଖଜୁରୀପଡ଼ାର ସୁଲେମାନ ସାହା। ତାଙ୍କ ନିକଟରୁ ଗୋଟିଏ ଖଣ୍ଡା ଏବଂ ଘଟଣାରେ ବ୍ୟବହୃତ ଖେଳଣା ବନ୍ଧୁକ ଜବତ କରାଯାଇଛି। ତେବେ ସୁଲେମାନଙ୍କ ନାମରେ ବିଭିନ୍ନ ଥାନାରେ ମାମଲା ରହିଥିବା ଏସ୍‌ପି ରାଜକିଶୋର ଦୋରା କହିଛନ୍ତି।

ପ୍ରକାଶ ଯେ, ଏପ୍ରିଲ ୧୫ ଅପରାହ୍ନ ପ୍ରାୟ ୩ଟାରେ ରାମେଶ୍ୱର ଛକ ନିକଟ ପାଇକରାୟ ପେଟ୍ରୋଲ ପମ୍ପ କର୍ମଚାରୀ ସଂଗ୍ରାମ କେଶରୀ ଜୟସିଂ ଓ ସୁମନ୍ତ ବେହେରା ୫ଲକ୍ଷ ୫୦ହଜାର ଟଙ୍କା ଧରି ଜଙ୍କିଆସ୍ଥିତ ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କରେ ଡିପୋଜିଟ୍ କରିବା ପାଇଁ ସ୍କୁଟିରେ ଯାଉଥିଲେ। ରାମେଶ୍ୱର ଛକ ଓ ଜଙ୍କିଆ ଛକ ମଧ୍ୟବର୍ତ୍ତୀ ଅଞ୍ଚଳରେ ୨ଟି ପଲ୍‌ସରରେ ଦୁର୍ବୃତ୍ତମାନେ ପହଞ୍ଚି ସେମାନଙ୍କ ସ୍କୁଟିକୁ ଧକ୍କା ଦେଇଥିଲେ। ଫଳରେ କର୍ମଚାରୀଦ୍ୱୟ ଗାଡିରୁ ପଡ଼ିଯାଇଥିଲେ। ପରେ ଦୁର୍ବୃତ୍ତମାନେ କର୍ମଚାରୀଙ୍କୁ ଖଣ୍ଡା ଓ ବନ୍ଧୁକ ଦେଖାଇ ସାଢେ ୫ଲକ୍ଷ ଟଙ୍କା ଲୁଟିନେଇ ଫେରାର ହୋଇଯାଇଥିଲେ। ଏନେଇ ଜଙ୍କିଆ ଥାନାରେ ଏକ ମାମଲା (ନଂ.୭୮/୨୧)ରୁଜୁ ହୋଇଛି। ଏହି ଘଟଣାରେ ୩ଜଣଙ୍କୁ ଗିରଫ କରାଯାଇଥିବା ବେଳେ ମୁଖ୍ୟ ଅଭିଯୁକ୍ତ ଫେରାର ଥିଲା। ପରେ ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ମୁଖ୍ୟ ଅଭିଯୁକ୍ତଙ୍କୁ ଧରିବା ପାଇଁ ସଦର ଏସ୍‌ଡିପିଓଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଥିଲା। ଏଥିରେ ଜଙ୍କିଆ ଥାନା ଆଇଆଇସି ଓ ଖୋର୍ଦ୍ଧାର ସ୍ପେଶାଲ ସ୍କ୍ୱାଡ୍ ସାମିଲ ହୋଇଥିଲେ। ବିଶେଷ ସୂତ୍ରରୁ ଖବରପାଇ ରବିବାର ପୋଲିସ ଖୋର୍ଦ୍ଧାର ନବୀନାବାଗ ଅଞ୍ଚଳରେ ଚଢ଼ାଉ କରି ମୁଖ୍ୟ ଅଭିଯୁକ୍ତ ସୁଲେମାନଙ୍କୁ ଗିରଫ କରିଥିଲା। ଅନ୍ୟପକ୍ଷେ ଜଙ୍କିଆ ଥାନା ଅଞ୍ଚଳରେ ବାରମ୍ବାର ଚୋରି, ଲୁଟ୍ ଭଳି ଘଟଣା ଘଟୁଥିବାରୁ ଏହି ଅଞ୍ଚଳରେ ପୋଲିସ ପାଟ୍ରୋଲିଂକୁ କଡ଼ାକଡ଼ି କରାଯିବା ଲାଗି ସାଧାରଣରେ ଦାବି ହେଉଛି।

## ଜଳିଗଲା ୪ ବଖରା, ୫ ଛେଳି ମୃତ

ନିମାପଡ଼ା,(ଡି.ଏନ୍.ଏ.)- ନିମାପଡ଼ା ନିକଟ ବାଲିପାଟଣା ଥାନା ଅନ୍ତର୍ଗତ ପଦ୍ମପୁର ଗ୍ରାମରେ ଶନିବାର ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟି ବିଜୟ କୁମାର ଦାସ ଓ ରାଜକିଶୋର ଦାସଙ୍କ ୪ବଖରା ଜଳିଯାଇଛି। ଅଗ୍ନିକାଣ୍ଡରେ ଜଣେ ମହିଳା ଆହତ ହୋଇଥିବାବେଳେ ୫ଟି ଛେଳି ମୃତ୍ୟୁବରଣ କରିଛନ୍ତି। ୨ଟି ଗାଇ ଆହତ ହୋଇଛନ୍ତି। ଏଥିସହ ଲକ୍ଷାଧିକ ଟଙ୍କା ମୂଲ୍ୟର ବିଭିନ୍ନ ଆସବାବପତ୍ର ପୋଡ଼ି ପାଉଁଶ ହୋଇଯାଇଛି। ଖବରପାଇ ନିମାପଡ଼ା ଅଗ୍ନିଶମ ସେବା କେନ୍ଦ୍ରର କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଗୁହାଳ ଘରେ ଲାଗିଥିବା ମଶା ଧୂଆଁରୁ ଏହି ଅଗ୍ନିକାଣ୍ଡ ଘଟିଥିବା ଅଗ୍ନିଶମ ସେବା ସଂସ୍ଥା ଅଧିକାରୀ ବହ୍ମାନନ୍ଦ ମଲ୍ଲିକ କହିଛନ୍ତି। କ୍ଷତିଗ୍ରସ୍ତ ପରିବାରଙ୍କୁ ତୁରନ୍ତ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।



**ଶ୍ରୀମନ୍ଦିର ହୁଣ୍ଡିରୁ ଆୟ**

୨୩.୦୫.୨୦୨୧

୧୨୪୦ ଟଙ୍କା

## ସଂକ୍ଷେପରେ

### ଖବରଦାତାଙ୍କ ଉପରେ ପୋଲିସର ଆକ୍ରମଣକୁ ନିନ୍ଦା

କଣାସ,୨୩।୫(ସ୍ୱ.ପ୍ର.)- ପୁରୀରେ ଧରିତ୍ରୀ ଖବରଦାତାଙ୍କ ଉପରେ ପୋଲିସର ଆକ୍ରମଣ ଘଟଣା ରାଜ୍ୟର ସମସ୍ତ ଖବରଦାତାଙ୍କୁ ବ୍ୟଥିତ କରିଛି। ଜଣେ ଖବରଦାତା ନିରବଚ୍ଛିନ୍ନ ଭାବେ ଜୀବନକୁ ବିପନ୍ନ କରି କୋଭିଡ୍ ସମୟରେ କାର୍ଯ୍ୟ କରୁଥିବାବେଳେ ପୁରୀ ପୋଲିସ୍ ତାଙ୍କୁ ମାଡ଼ମାରି ଥିବାରୁ କଣାସ ସାମ୍ବାଦିକ ସଂଘ ପକ୍ଷରୁ ରବିବାର ନିନ୍ଦା କରାଯାଇଛି । ବରିଷ୍ଠ ଖବରଦାତା କୃପାସିନ୍ଧୁ ବିଶ୍ୱାଳଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଖବରଦାତା ବିଭୂତି ଭୂଷଣ ତ୍ରିପାଠୀ, ସମୀର କେଶର ବଳିୟାରସିଂହ, ଶ୍ରୀକାନ୍ତ ପଟ୍ଟଯୋଷୀ, ହେମନ୍ତ କୁମାର ସାହୁ, ହେମନ୍ତ ମହାରଥୀ, ବିଜୟ ତ୍ରିପାଠୀ, ବିଦ୍ୟାଧର ପରିଡ଼ା ପ୍ରମୁଖ ଯୋଗ ଦେଇ ତୁରନ୍ତ ଆକ୍ରମଣକାରୀ ପୋଲିସ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି। ଏସ୍‌ପି କାର୍ଯ୍ୟାନୁଷ୍ଠାନ ନେବାରେ ବିଳମ୍ବ କରୁଥିବାରୁ ଖବରଦାତାମାନେ ଅସନ୍ତୋଷ ପ୍ରକାଶ କରିଥିଲେ।

### ନାଟ୍ୟକାରଙ୍କ ଜୟନ୍ତୀ, ପୁସ୍ତକ ଉନ୍ମୋଚିତ

କଣାସ, ୨୩।୫(ସ୍ୱ.ପ୍ର): ବୈଦ୍ୟନାଥପାଟଣା ପୂଜ୍ୟପୂଜା ସଂସ୍କୃତି ପରିଷଦ ଅନୁକୂଲ୍ୟରେ ଶନିବାର ନାଟ୍ୟକାର ତଥା ଶିକ୍ଷାବିତ୍ ବିଭୂତି ଭୂଷଣ ପଟ୍ଟନାୟକଙ୍କ ୮୦ତମ ଜୟନ୍ତୀ ପାଳିତ ହୋଇଯାଇଛି। ଏଥିରେ ପରିଷଦ ସଭାପତି ଶିକ୍ଷାବିତ୍ ଲକ୍ଷ୍ମୀଧର ପାଢୀ ଅଧକ୍ଷତା କରିଥିଲେ। ବିଭୂତି ଭୂଷଣଙ୍କ ଦ୍ୱାରା ରଚିତ ନାଟ୍ୟ ପୁସ୍ତକ 'ଶ୍ରୀକୃଷ୍ଣଙ୍କ ଶେଷ ହସ'କୁ ନାତି ଗୁଡୁ ଓ ନାତୁଣୀ ଉନ୍ମୋଚନ କରିଥିଲେ। ମୁଖ୍ୟ ଅତିଥି ଭାବେ ମହନ୍ତ ବନମାଳି ଦାସ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ରୂପଶ୍ରୀ ଛୋଟରାୟ ଯୋଗଦେଇ ବିଭୂତି ଭୂଷଣଙ୍କ କୃତି ସମ୍ପର୍କରେ ଆଲୋଚନା କରିଥିଲେ। ଶିକ୍ଷୟିତ୍ରୀ ତନ୍ଦ୍ରାବତୀ ପଟ୍ଟନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ଅବସରପ୍ରାପ୍ତ ଶିକ୍ଷକ ଓ କର୍ମଚାରୀ ସଂଘ ବୈଠକ

ପୁରୀ ଅଫିସ, ୨୩।୫:ପୁରୀ ଜିଲା ଅବସରପ୍ରାପ୍ତ ଶିକ୍ଷକ ଓ କର୍ମଚାରୀ ସଂଘ ପକ୍ଷରୁ ଅନୁଷ୍ଠିତ ଏକ ବୈଠକରେ ରାଜ୍ୟ ସରକାରଙ୍କ ଜୁନ ୧ ପର୍ଯ୍ୟନ୍ତ ତାଲା ବନ୍ଦ ନିଷ୍ପତ୍ତିକୁ ସ୍ୱାଗତ କରାଯାଇଛି। ତେବେ ବରିଷ୍ଠ ନାଗରିକଙ୍କୁ ଅଗ୍ରାଧିକାର ଭିତ୍ତିରେ ଟିକା ଦେବାକୁ ସରକାର ଘୋଷଣା କରିଥିଲେ ମଧ୍ୟ ତାହା ପାଳନ କରାଯାଉନାହିଁ। ବରିଷ୍ଠ ନାଗରିକଙ୍କୁ ୮୪ ଦିନ ପୂର୍ବରୁ ଟିକାର ଦ୍ୱିତୀୟ ଡୋଜ ଦେବାକୁ ମନା କରି ଫେରାଇ ଦିଆଯିବା ଦୁଃଖଦାୟକ ବୋଲି ସଂଘ ସଭାପତି ଲକ୍ଷ୍ମୀଧର ତ୍ରିପାଠୀ ଓ ସାଧାରଣ ସମ୍ପାଦକ ବିଶ୍ୱନାଥ ବେହେରା କହିଛନ୍ତି। ବରିଷ୍ଠ ନାଗରିକଙ୍କ ନିମନ୍ତେ ପ୍ରଥମ ଡୋଜ୍‌ର ୪୨ଦିନ ପରେ ଦ୍ୱିତୀୟ ଡୋଜ୍ ଟିକା ଦେବା ପାଇଁ ବ୍ୟବସ୍ଥା କରନ୍ତୁ ବୋଲି ଏହି କର୍ମକର୍ତ୍ତା ଦ୍ୱୟ ଦାବି କରିଛନ୍ତି।

### କରୋନା ଆକ୍ରାନ୍ତ ବ୍ୟାଙ୍କ କର୍ମଚାରୀଙ୍କ ମୃତ୍ୟୁ

ଡେଲାଙ୍ଗ,୨୩।୫(ଡି.ଏନ.ଏ)- ପୁରୀ-ନିମାପଡ଼ା ସମ୍ମିଳିତ ସମବାୟ ସମିତିର ଡେଲାଙ୍ଗ ଶାଖା ସୁପରଭାଇଜର ପ୍ରଫୁଲ୍ଲ ସ୍ୱାଇଁ (୫୮) କରୋନା ଆକ୍ରାନ୍ତ ଥିବାବେଳେ ଶନିବାର ତାଙ୍କର ମୃତ୍ୟୁ ଘଟିଛି। ସେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଥିଲେ। ତାଙ୍କ ବିୟୋଗରେ ଡେଲାଙ୍ଗ ଅଞ୍ଚଳରେ ଶୋକରଛାୟା ଖେଳିଯାଇଛି। ମୃତ୍ୟୁ ବେଳକୁ ତାଙ୍କ ନିକଟରେ ପୁଅ ବିଶ୍ୱଜିତ ଓ ସାନ ଭାଇ ପ୍ରମୋଦ ସ୍ୱାଇଁ ଉପସ୍ଥିତ ଥିଲେ ।

### ଧର୍ମପରାୟଣା ମହିଳାଙ୍କ ପରଲୋକ

କୋଣାର୍କ,୨୩।୫(ଡି.ଏନ୍.ଏ.)- କୋଣାର୍କ ହାଇସ୍କୁଲର ପ୍ରତିଷ୍ଠାତା ଧନେଶ୍ୱର ରାଉତରାୟଙ୍କ କନିଷ୍ଠା କନ୍ୟା ଅନ୍ନପୂର୍ଣ୍ଣା ଖଟୋଇଙ୍କ (୯୨) ଶନିବାର ରାତିରେ ପରଲୋକ ଘଟିଛି। ସେ ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ଥିଲେ। ସେ ପିତାଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ବହୁ ଧର୍ମାନୁଷ୍ଠାନ ଓ ସାମାଜିକ ସଂସ୍ଥା ସହ ଜଡ଼ିତ ଥିଲେ। ମୃତ୍ୟୁ ସମୟରେ ତାଙ୍କ ପାଖରେ ତାଙ୍କ ନାତି ଅବିନାଶ ଓ ପୁତ୍ରବଧୂ ଉତ୍ତରା, ନାତୁଣୀ ଦୀପ୍ତିକାନ୍ତି, ନାତୁଣୀ ବୋହୂ ଅପରାଜିତା ଉପସ୍ଥିତ ଥିଲେ। ଅନ୍ନପୂର୍ଣ୍ଣାଙ୍କ ବିୟୋଗରେ କୋଣାର୍କ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

# ଜିରୋ କାଜୁଆଲ୍‌ଟି ଉପରେ ଗୁରୁତ୍ୱ

ପୁରୀ ଅଫିସ, ୨୩।୫:

ସମ୍ଭାବ୍ୟ ବାତ୍ୟା 'ୟାସ୍'ର ମୁକାବିଲା ନେଇ ପୁରୀ ଜିଲା ପ୍ରଶାସନର ପ୍ରସ୍ତୁତି ସମ୍ପର୍କରେ ରାଜ୍ୟ ଯୋଜନା ବୋର୍ଡ ଉପାଧ୍ୟକ୍ଷ ସଞ୍ଜୟ ଦାସବର୍ମା ରବିବାର ଜିଲାପାଳଙ୍କ ଆବାସିକ କାର୍ଯ୍ୟାଳୟରେ ସମୀକ୍ଷା କରିଛନ୍ତି। ବାତ୍ୟାର ସଫଳ ମୁକାବିଲା ସହ ଜିରୋ କାଜୁଆଲ୍‌ଟି ଉପରେ ଦାସବର୍ମା ଗୁରୁତ୍ୱାରୋପ କରିଛନ୍ତି। ଜିଲାରେ ରବିଧାନ ଫସଲ ସଂଗ୍ରହ ଜାରି ରହିଥିବାବେଳେ ୮୬ଟି ମଣ୍ଡି ଏବଂ ସମସ୍ତ ପ୍ରାଥମିକ ସେବା ସମବାୟ ସମିତିର ସମ୍ପୃକ୍ତ ଅଧିକାରୀମାନଙ୍କୁ ସଜାଗ ରହିବାକୁ ସେ ପରାମର୍ଶ ଦେଇଛନ୍ତି। ସମସ୍ତ ମଣ୍ଡିକୁ ଆର୍‌ଏମ୍‌ସି ପକ୍ଷରୁ ପର୍ଯ୍ୟାପ୍ତ ପଲିଥିନ ଯୋଗାଇଦେବା ସହ ଆସନ୍ତା ୨୪ରୁ ୨୮ତାରିଖ ପର୍ଯ୍ୟନ୍ତ ଧାନ ସଂଗ୍ରହ ବନ୍ଦ ରଖିବାକୁ ବିଭାଗୀୟ ଅଧିକାରୀଙ୍କୁ ସେ କହିଛନ୍ତି। ଅବଧି ଶେଷ ହେବାକୁ ଥିବା ଚାଷୀଙ୍କ ଟୋକନ ଯେଭଳି କାର୍ଯ୍ୟକ୍ଷମ ହୋଇପାରିବ ସେଥିଲାଗି ବ୍ୟବସ୍ଥା କରିବାକୁ ଉଭୟ ଜିଲା ଯୋଗାଣ ଅଧିକାରୀ ଓ ଜିଲା ସମବାୟ ନିବନ୍ଧକଙ୍କୁ ପରାମର୍ଶ ଦିଆଯାଇଛି। ଚାଷୀମାନେ ନିଜ ଅମଳକୁ ସୁରକ୍ଷିତ ରଖିବା ପାଇଁ ସଚେତନ କରାଯିବ। ମତ୍ସ୍ୟଜୀବୀଙ୍କୁ ସମୁଦ୍ର ଓ ଚିଲିକା ମଧ୍ୟକୁ ନ ଯିବା ପାଇଁ ପରାମର୍ଶ ଦିଆଯିବା ସହ ସମସ୍ତ ମତ୍ସ୍ୟ ପ୍ରାଥମିକ ସମିତିକୁ ବାତ୍ୟା ସମ୍ପର୍କରେ ଅବଗତ କରାଇବାକୁ ଜିଲା ମତ୍ସ୍ୟ ଅଧିକାରୀଙ୍କୁ କୁହାଯାଇଛି। ମତ୍ସ୍ୟଜୀବୀମାନେ ନିଜ ଡଙ୍ଗା ସୁରକ୍ଷିତ ରଖିବା ନେଇ ସଚେତନ କରାଯିବ। କୃଷ୍ଣପ୍ରସାଦ, ବ୍ରହ୍ମଗିରି, ପୁରୀ ସଦର, ଗୋପ, କାକଟପୁର, ଅସ୍ତରଙ୍ଗ ଭଳି ଉପକୂଳବର୍ତ୍ତୀ ବ୍ଲକରେ ସମସ୍ତ ବାତ୍ୟା ଓ ବନ୍ୟା ଆଶ୍ରୟସ୍ଥଳୀଗୁଡ଼ିକୁ ପ୍ରସ୍ତୁତ ପୂର୍ବକ ମକ୍‌ଡ୍ରିଲ କରିବା ଉପରେ ଦାସବର୍ମା ଗୁରୁତ୍ୱାରୋପ କରିଛନ୍ତି। ଆବଶ୍ୟକସ୍ଥଳେ ପ୍ରାୟ ୧ ଲକ୍ଷ ୧୬ ହଜାର ଲୋକଙ୍କୁ ସୁରକ୍ଷିତ ଭାବେ ବାତ୍ୟା ଓ ବନ୍ୟା ଆଶ୍ରୟସ୍ଥଳୀରେ ରଖିବା ସହ ସେମାନଙ୍କୁ ଖାଦ୍ୟ ସାମଗ୍ରୀ ଯୋଗାଇବାର ବ୍ୟବସ୍ଥା ହୋଇଥିବା ଜିଲାପାଳ ସମର୍ଥ ବର୍ମା ସୂଚନା ଦେଇଛନ୍ତି। ଔଷଧ ଓ ପଶୁଖାଦ୍ୟ ମହଜୁଦ ରହିଛି। ବାତ୍ୟା ପରେ ରାସ୍ତାଘାଟରୁ ଅବରୋଧ ହଟାଇବାକୁ ପୂର୍ତ୍ତ, ଗ୍ରାମ୍ୟ ଉନ୍ନୟନ ବିଭାଗ ଓ ବ୍ଲକ ପ୍ରଶାସନ ସଜାଗ ରହିଥିବା ଜିଲାପାଳ କହିଥିଲେ। ଗୃହ ସଙ୍ଗରୋଧ ଓ କଚ୍ଚାଘରେ ରହୁଥିବା କରୋନା ସଂକ୍ରମିତଙ୍କୁ କୋଭିଡ୍ ନିୟମ ପାଳନ ପୂର୍ବକ କୋଭିଡ୍ କେୟାର ସେଣ୍ଟରକୁ ସ୍ଥାନାନ୍ତର କରିବାକୁ ନିଷ୍ପତ୍ତି ହୋଇଛି। ସେହିଭଳି ସମ୍ଭାବ୍ୟ ବାତ୍ୟା ମୁକାବିଲା ପାଇଁ ସମସ୍ତ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି। ମୁଖ୍ୟମନ୍ତ୍ରୀ ଓ ଏସ୍‌ଆର୍‌ସିଙ୍କ ନିର୍ଦ୍ଦେଶାବଳୀ ଅନୁପାଳନ କରିବାକୁ ଦାସବର୍ମା ପରାମର୍ଶ ଦେଇଛନ୍ତି। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁ, ଜିଲା ଜରୁରିକାଳୀନ ଅଧିକାରୀ ଜିତେନ୍ଦ୍ର କୁମାର ପାତ୍ର, ଜିଲା ମୁଖ୍ୟ କୃଷି ଅଧିକାରୀ ଅନିଲ କୁମାର ଦାଶ, ଜିଲା ଯୋଗାଣ ଅଧିକାରୀ ଅମରେନ୍ଦ୍ର ମହାପାତ୍ର, ଜିଲା ମତ୍ସ୍ୟ ଅଧିକାରୀ ହେମନ୍ତ ଦାଶ ଏବଂ ଜିଲା ସମବାୟ ନିବନ୍ଧକ ଭୀମସେନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।



ବୈଠକରେ ରାଜ୍ୟ ଯୋଜନାବୋର୍ଡ ଉପାଧ୍ୟକ୍ଷ ସଞ୍ଜୟ ଦାସବର୍ମା, ଜିଲାପାଳ ସମର୍ଥ ବର୍ମା ଏବଂ ଅନ୍ୟ ଅଧିକାରୀମାନେ ଆଲୋଚନା କରୁଛନ୍ତି ।

**ୟାସ୍ ମୁକାବିଲା ନେଇ ସମୀକ୍ଷା**

- ୧ ଲକ୍ଷ ୧୬ ହଜାର ଲୋକଙ୍କୁ ଆଶ୍ରୟସ୍ଥଳରେ ରଖାଯିବ
- ୨୪ରୁ ୨୮ ତାରିଖ ପର୍ଯ୍ୟନ୍ତ ଧାନ ସଂଗ୍ରହ ବନ୍ଦ

## ରଥଖଳାରୁ

### ଯନ୍ତାପଟା ମାପଚୁପ ସରି ବିନ୍ଧ କାମ ଚାଲିଛି

ପୁରୀ ଅଫିସ, ୨୩।୫:

ଘୋଷଯାତ୍ରା ପାଇଁ ରଥ ନିର୍ମାଣ କାର୍ଯ୍ୟ ଆଗେଇ ଚାଲିଛି। ନବମ ଦିନ ରବିବାର ସନ୍ଧ୍ୟା ସୁଦ୍ଧା ତିନି ରଥର ସମୁଦାୟ ୪୨ଟି ତୁମ୍ବ ତିଆରି ସରି ସୂତାବାଡ଼ିଆ ସହ ଠେକତୁଲିଆ ଓ ଘେର କଟା ହୋଇ ତୁମ୍ବରେ ବିନ୍ଧ କାମ ଜାରି ରହିଛି। ପ୍ରତ୍ୟେକ ରଥ ପାଇଁ ୨ଟି ଲେଖାଏ ଯନ୍ତାପଟାରେ ମାପଚୁପ ସରିଛି। ଦୁଇଟି ଲେଖାଏ ବିନ୍ଧ ପାଇଁ ଦାଗ ଚିହ୍ନ ମରା ସରିଛି। ତାଳଧ୍ୱଜ ରଥର ମୋଟ ୧୪ ତୁମ୍ବର ପ୍ରାରମ୍ଭିକ ଗୋଲେଇ କାମ ଶେଷ ହୋଇଛି। ଦୁଇଟି ତୁମ୍ବର ୧୬ ଯୋଡ଼ା ବିନ୍ଧ ସରିଛି। ଆଉ ଦୁଇଟି ତୁମ୍ବରେ ବିନ୍ଧ କରାଯାଉଛି। ଅନ୍ୟ ତୁମ୍ବଗୁଡ଼ିକର ଠେକତୁଲିଆ ଓ ଘେରକଟା ଚାଲିଛି। ଦେବଦଳନ ରଥର ମୋଟ ୧୨ ତୁମ୍ବର ବିନ୍ଧ କାମ ଚାଲିଛି। ୫ଟି ତୁମ୍ବର ୧୬ଯୋଡ଼ା ବିନ୍ଧ ଖୋଳା ଶେଷ ହୋଇଛି। ନନ୍ଦିଘୋଷ ରଥର ୧୬ଟି ତୁମ୍ବରୁ ୭ଟିର ବିନ୍ଧ କାର୍ଯ୍ୟ ଶନିବାରଠାରୁ ଆରମ୍ଭ ହୋଇଛି। ରବିବାର ୩ ତୁମ୍ବର ୧୬ ଯୋଡ଼ା ଲେଖାଏ ବିନ୍ଧ ସରିଛି। ବିନ୍ଧ ପରେ ଯନ୍ତାପଟାରେ କିଳା ସଂଯୋଗ ହେବ ଓ ତୁମ୍ବରେ ଅର ସଂଯୋଗ ପରେ ପଇ ପିନ୍ଧା ଆରମ୍ଭ ହେବ। ଅନ୍ୟପଟେ ଦୋଳ ବେଦି ଅସ୍ଥାୟୀ କମାରଶାଳରେ ଓଝାସେବକମାନେ ତୁମ୍ବରେ ଫିଟିଂ ପାଇଁ ୬ ହଳ ଲେଖାଏ ପଦାରି କାମ ସାରିଛନ୍ତି। ସେଗୁଡ଼ିକର ବୋଳା କାର୍ଯ୍ୟ ବାକି ରହିଛି। ରବିବାର ରଥ ନିର୍ମାଣ କାର୍ଯ୍ୟରେ ମୋଟ ୧୧୧ ଜଣ ସେବାୟତ ଓ କାରିଗର ନିୟୋଜିତ ଥିଲେ।



ଯନ୍ତାପଟା ତିଆରି କରାଯାଉଛି ।



ବିଶ୍ୱକୁ କରୋନାମୁକ୍ତ କରିବା ପାଇଁ ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ରବିବାର ରୋହିଣୀ ଏକାଦଶୀ ଅବସରରେ ସିଂହଦ୍ୱାର ସମ୍ମୁଖରେ ଓଡିଶା ବ୍ରାହ୍ମଣ ସମାଜ ପକ୍ଷରୁ ଆଚାର୍ଯ୍ୟ ରତିକାନ୍ତ ଦାଶ ଶଙ୍ଖ ଫୁଙ୍କୁଛନ୍ତି ।

## କରୋନା ସଚେତନତା

କାକଟପୁର,୨୩।୫(ଡି.ଏନ୍.ଏ.)

ମଙ୍ଗଳା ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ପକ୍ଷରୁ କୋଭିଡ୍-୧୯ ଓ ଟିକାକରଣ ବିଷୟରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ଅଶୋକ କୁମାର ତ୍ରିପାଠୀ ଏଥିରେ ସଭାପତିତ୍ୱ କରିଥିଲେ। ଉଚ୍ଚଶିକ୍ଷା ବିଭାଗର ଉପଶାସନ ସଚିବ ଡ.ରମେଶ ଚନ୍ଦ୍ର ବେହେରା ମୁଖ୍ୟ ଅତିଥିଭାବେ ଯୋଗଦେଇ କରୋନା ସଙ୍କଟରୁ ରକ୍ଷା ପାଇବା ପାଇଁ ଆମେ ସାମାଜିକ ଦୂରତ୍ୱ ରକ୍ଷା କରି ପରିଷ୍କାର ପରିଚ୍ଛନ୍ନ ରହିବା ବୋଲି ପରାମର୍ଶ ଦେଇଥିଲେ। ବାରିପଦା ମେଡିକାଲ କଲେଜ ଓ ହସ୍ପିଟାଲର ବରିଷ୍ଠ ଡାକ୍ତର ଆଶିଷ ରଞ୍ଜନ ପୃଷ୍ଟି କରୋନାର ପ୍ରଭାବ, ଲକ୍ଷଣ ଓ ଚିକିତ୍ସା ପଦ୍ଧତି ଉପରେ ବିଶଦ୍ ଆଲୋଚନା କରିଥିଲେ। ମାଧ୍ୟମିକ ଶିକ୍ଷା ପରିଷଦର କାର୍ଯ୍ୟକ୍ରମ ସଂଯୋଜକ ଚିନ୍ତନ ବ୍ରହ୍ମା ମାନବ ଶୃଙ୍ଖଳ ଗଠନ କରି କରୋନା ଶୃଙ୍ଖଳ ଭାଙ୍ଗିବାକୁ ପରାମର୍ଶ ଦେଇଥିଲେ। ଜାତୀୟ ସେବା ଯୋଜନା ତାଲିମ ଅନୁଷ୍ଠାନର କାର୍ଯ୍ୟକ୍ରମ ସଂଯୋଜକ ନୀରଦ ବରଣ ଖୁଣ୍ଟିଆ ଏହି ମହାମାରୀ ସମୟରେ ସ୍ୱେଚ୍ଛାସେବୀମାନଙ୍କର ଭୂମିକା ଉପରେ ଆଲୋକପାତ କରି ସେମାନଙ୍କୁ ଉତ୍ସାହିତ କରିଥିଲେ। ପୁରୀ ଜିଲାର କାର୍ଯ୍ୟକ୍ରମ ଅଧିକାରୀ ଅକ୍ଷୟ ରାଉଳ ଆଗାମୀ କାର୍ଯ୍ୟପନ୍ଥା ଉପରେ ଆଲୋଚନା କରିଥିଲେ। ମଙ୍ଗଳା ମହାବିଦ୍ୟାଳୟର ଜାତୀୟ ସେବା ଯୋଜନାର କାର୍ଯ୍ୟକ୍ରମ ଅଧିକାରୀ ଡ. ମାନସୀ ସାହୁ ଓ ଆଶୁତୋଷ ପ୍ରଧାନ କାର୍ଯ୍ୟକ୍ରମକୁ ପରିଚାଳନା କରିଥିବାବେଳେ ଉମାକାନ୍ତ ଦାଶ ଧନ୍ୟବାଦ ଦେଇଥିଲେ।

## ଖବରଦାତାଙ୍କୁ ଆକ୍ରମଣ ଅତ୍ୟନ୍ତ ନିନ୍ଦନୀୟ

ଗୋପ,୨୩।୫(ଡି.ଏନ୍.ଏ.):

ରାଜ୍ୟରେ କାର୍ଯ୍ୟରତ ଗଣମାଧ୍ୟମ ପ୍ରତିନିଧିମାନେ ରୋଷର ଶିକାର ହେଉଛନ୍ତି। ଏଭଳି ଘଟଣା ବାରମ୍ବାର ଘଟୁଥିଲେ ମଧ୍ୟ ସରକାର କୌଣସି ପଦକ୍ଷେପ ନେଉ ନାହାନ୍ତି। ଫଳରେ ପ୍ରତିନିଧିଙ୍କ ସମ୍ମାନ ହାନି ହେଉଛି। ଏଥିପ୍ରତି ସରକାର ଗୁରୁତ୍ୱ ଦେବାର ଆବଶ୍ୟକତା ରହିଛି ବୋଲି ରବିବାର ଗୋପ ଓ କୋଣାର୍କ ଅଞ୍ଚଳର ଗଣମାଧ୍ୟମ ପ୍ରତିନିଧିଙ୍କ ବୈଠକରେ ମତପ୍ରକାଶ ପାଇଛି। ଏଥିସହ ସରକାରଙ୍କ ନିକଟକୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ପ୍ରକାଶ ଯେ, କୋଭିଡ୍ ସମୟରେ ସରକାର ଗଣମାଧ୍ୟମ ପ୍ରତିନିଧିଙ୍କୁ କରୋନା ଯୋଦ୍ଧାଭାବେ ଘୋଷଣା କରିଛନ୍ତି। କରୋନା ସମୟରେ ସମସ୍ତେ ଘରେ ରହିଥିବା ବେଳେ ଖବରଦାତାମାନେ ନିଜ ଜୀବନକୁ ବାଜି ଲଗାଇ ଖବର ସଂଗ୍ରହ କରୁଛନ୍ତି। ଏହି ସମୟରେ ପୁରୀରେ ଜଣେ ଉଠାଦୋକାନୀଙ୍କୁ ପୋଲିସର ଆକ୍ରମଣ ନେଇ ପଚାରିବାରୁ ଉତ୍କ୍ଷିପ୍ତ ହୋଇ ଧରିତ୍ରୀର ଖବରଦାତାଙ୍କ ପ୍ରତି ପୋଲିସ ବର୍ବରୋଚିତ ପୂର୍ବକ ଆଚରଣ କରିଛି। ଏହା ଅତ୍ୟନ୍ତ ନିନ୍ଦନୀୟ। ଏଥିରେ ସମ୍ପୃକ୍ତ ପୋଲିସ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କୋଣାର୍କ ମିଡିଆ ଫୋରମ ସାମ୍ବାଦିକ ସଂଘର ସଭାପତି ମିଳନ ମହାନ୍ତି, ସମ୍ପାଦକ ପ୍ରକାଶ କୁମାର କାଣ୍ଡି, ଦୁର୍ଗା ପ୍ରସାଦ ମହାପାତ୍ର, ଶତ୍ରୁଘ୍ନ ସେନାପତି ପ୍ରମୁଖ ଦାବି କରିଛନ୍ତି।

## ଚିକିତ୍ସା ଅବହେଳାରୁ ରୋଗୀଙ୍କ ମୃତ୍ୟୁ ଅଭିଯୋଗ

ନିମାପଡ଼ା,୨୩।୫(ଡି.ଏନ୍.ଏ.)

**ଡାକ୍ତରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି**

ନିମାପଡ଼ା ଥାନା ଅନ୍ତର୍ଗତ ଅଣ୍ଡିଆ ସାହି ପାତ୍ର ସାହି ଗ୍ରାମର ଜ୍ଞାନରଞ୍ଜନ ପାତ୍ରଙ୍କର ଗତ ୨୧ତାରିଖରେ କ୍ୟାପିଟାଲ ହସ୍ପିଟାଲରେ ମୃତ୍ୟୁ ଘଟିଥିଲା। ମାତ୍ର ନିମାପଡ଼ା ମେଡିକାଲରେ ଜ୍ଞାନରଞ୍ଜନଙ୍କ ଚିକିତ୍ସାରେ ଅବହେଳା ଓ ଆବଶ୍ୟକ ପରିମାଣର ଅକ୍ସିଜେନ ଦିଆଯାଇ ନ ଥିବାରୁ ତାଙ୍କର ମୃତ୍ୟୁ ହେଲା ବୋଲି ଜ୍ଞାନଙ୍କ ଭାଇ ମନୋରଞ୍ଜନ ପାତ୍ର ନିମାପଡ଼ା ଥାନାରେ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ ଏହି ଘଟଣାର ଉଚ୍ଚସ୍ତରୀୟ ତଦନ୍ତ କରାଯାଇ ଚିକିତ୍ସାରେ ଅବହେଳା କରିଥିବା ଡାକ୍ତରଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ସହ ମୃତ ଯୁବକଙ୍କ ପରିବାରକୁ କ୍ଷତିପୂରଣ ଦେବାକୁ ମନୋରଞ୍ଜନ ଦାବି କରିଛନ୍ତି। ସୂଚନାଯୋଗ୍ୟ, ଜ୍ଞାନରଞ୍ଜନଙ୍କ ଦେହ ଖରାପ ଥିବାରୁ ତାଙ୍କ ଚିକିତ୍ସା ପାଇଁ ପରିବାର ଲୋକ ଗତ ଶୁକ୍ରବାର ନିମାପଡ଼ା ମେଡିକାଲରେ ଭର୍ତ୍ତି କରିଥିଲେ। ତାଙ୍କର କୋଭିଡ୍ ପରୀକ୍ଷା କରାଯିବାରେ ରିପୋର୍ଟ ନେଗେଟିଭ ଆସିଥିଲା। ଚିକିତ୍ସା ସମୟରେ ଜ୍ଞାନରଞ୍ଜନଙ୍କ ଅବସ୍ଥା ସଙ୍କଟାପନ୍ନ ହୋଇଯିବାରୁ ତାଙ୍କୁ ଆମ୍ବୁଲାନ୍ସ ଯୋଗେ କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ହେଲେ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ଏ ନେଇ ନିମାପଡ଼ା ମେଡିକାଲ ଦାୟିତ୍ୱରେ ଥିବା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତରଙ୍କୁ ନଂ.୮୨୪୯୩୩୦୦୭୬ରେ ଫୋନ କରାଯାଇଥିଲେ ମଧ୍ୟ ସେ ନ ଉଠାଇବାରୁ ଯୋଗାଯୋଗ ସମ୍ଭବ ହୋଇପାରି ନ ଥିଲା।

## ଜମିଜମା ଗଣ୍ଡଗୋଳ, ୪ ଆହତ

କାକଟପୁର,୨୩।୫(ଡି.ଏନ୍.ଏ.)

କାକଟପୁର ଥାନା ଅନ୍ତର୍ଗତ ସୁହାଣପୁର ଗ୍ରାମରେ ୨ପରିବାର ମଧ୍ୟରେ ଜମି ବିବାଦକୁ କେନ୍ଦ୍ରକରି ଗଣ୍ଡଗୋଳ ହୋଇ ୪ଜଣ ଆହତ ହୋଇଛନ୍ତି। ଆହତମାନଙ୍କୁ ଚାରିଛକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା କରାଯାଉଥିବା ବେଳେ କେତେଜଣଙ୍କ ଅବସ୍ଥା ସଂକଟାପନ୍ନ ହେବାରୁ ସେମାନଙ୍କୁ କ୍ୟାପିଟାଲ ହସ୍ପିଟାଲ ପଠାଇ ଦିଆଯାଇଛି। ଘଟଣାରୁ ପ୍ରକାଶ, ସୁହାଣପୁର ଗ୍ରାମର ପ୍ରତାପ ମହାରଣା ଏକ ଜମି କିଣି ଦେଖିବା ପାଇଁ ଯାଇଥିଲେ। ହେଲେ ସେହି ସମୟରେ ଗ୍ରାମର ସୁରେନ୍ଦ୍ର ମହାରଣା ଉକ୍ତ ଜମିରେ ଗଛ ଲଗାଇ ବିରୋଧ କରିଥିଲେ। ଫଳରେ ଉଭୟ ପରିବାର ମଧ୍ୟରେ ଯୁକ୍ତିତର୍କ ହୋଇ ଲୁହାରଡ, କଟୁରିରେ ଆକ୍ରମଣ କରିଥିଲେ। ଫଳରେ ଉଭୟ ପକ୍ଷରୁ ୪ଜଣ ଗୁରୁତର ଆହତ ହୋଇଥିଲେ। ଖବରପାଇ କାକଟପୁର ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉଭୟ ପରିବାରର ୨ଜଣଙ୍କୁ ଅଟକ ରଖି ପଚରାଉଚରା ଚଳାଇଥିବା ଆଇଆଇସି ସୁଶାନ୍ତ କୁମାର ସାହୁ ପ୍ରକାଶ କରିଛନ୍ତି।

## ୨ ବ୍ରାଉନ୍ ସୁଗାର ବେପାରୀ ଗିରଫ

ପୁରୀ ଅଫିସ, ୨୩।୫

ବ୍ରାଉନସୁଗାର ବିକିବା ଅଭିଯୋଗରେ ପୁରୀ ସଦର ଥାନା ପୋଲିସ ରବିବାର ୨ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ପୁରୀ ଖଣ୍ଡିଆ ବନ୍ଧ ଅଞ୍ଚଳର ଦୀପକ ସ୍ୱାଇଁ ଓ ଧଡୁ ସ୍ୱାଇଁ। ଏନେଇ କେସ୍ ନଂ. ୧୮୮/୨୧ ରୁଜୁ ହୋଇଛି। ଅଭିଯୁକ୍ତମାନଙ୍କ ନିକଟରୁ ୫.୬୧୦ ଗ୍ରାମ ବ୍ରାଉନସୁଗାର ଓ ଏକ ମୋବାଇଲ ଫୋନ ଜବତ କରାଯାଇଛି। ମଙ୍ଗଳାହାଟ ପାଣିଟାଙ୍କି ପାଖରେ ବ୍ରାଉନସୁଗାର ବିକ୍ରି ହେଉଥିବା ଖବର ପାଇ ପୋଲିସ ଚଢାଉ କରିଥିଲା ।

## ଦୃଷ୍ଟିବାଧିତ ଦମ୍ପତିଙ୍କୁ ପକ୍କାଘର ଯୋଗାଣ

ସାକ୍ଷୀଗୋପାଳ, ୨୩।୫ (ଡି.ଏନ୍.ଏ./ସ୍ୱ.ପ୍ର.)

ସତ୍ୟବାଦୀ ବ୍ଲକ ମୂଳଅଳସା ଗ୍ରାମ ପଞ୍ଚାୟତ ପରାହାଟ ନିମସାହିର ଦୃଷ୍ଟିବାଧିତ ଦମ୍ପତି ପବିତ୍ର ପ୍ରଧାନ ଓ ପୂର୍ଣ୍ଣିମାଙ୍କ ପାଇଁ ଏକ ପକ୍କାଘର ନିର୍ମାଣ କରାଯାଇଛି। ଭାରତ ବିକାଶ ପରିଷଦର ସତ୍ୟବାଦୀ ଶାଖାର ସଭ୍ୟମାନଙ୍କର ବଦାନ୍ୟତା ଯୋଗୁ ଏହା ସମ୍ଭବ ହୋଇଛି ବୋଲି ପ୍ରାନ୍ତୀୟ ସଂସ୍କାର ସଚିବ ନବଘନ ଶତପଥୀ କହିଛନ୍ତି। ଚାନ୍ଦା ଆଦାୟ କରି ଘରଟି ପୂର୍ଣ୍ଣାଙ୍ଗ କରିବା ପାଇଁ ପ୍ରାୟ ୪ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇଛି। ଶନିବାର ଗୃହ ପ୍ରତିଷ୍ଠା କରାଯାଇଥିଲା। ପ୍ରକାଶ ଥାଉ କି, ଫନୀ ବାତ୍ୟାରେ ବାସହରା ଏହି ପରିବାର ସରକାରୀ ସହାୟତା ପାଇ ମଧ୍ୟ ଘରଟିଏ କରିପାରି ନ ଥିଲେ। ଉକ୍ତ ଗ୍ରାମର ସ୍ୱେଚ୍ଛାସେବୀ ପ୍ରଫୁଲ୍ଲ ପ୍ରଧାନଙ୍କ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟ କରାଯାଇଥିଲା। ପୃଷ୍ଠପୋଷକ ସଭ୍ୟ ସୁନାକର ପତି, ସଚିବ ନବଘନ ଶତପଥୀ, ଉପସଭାପତି ବିଷ୍ଣୁ ମହାରଣା, ସଭ୍ୟ ଦୁଃଖିଶ୍ୟାମ ମଲ୍ଲିକ, ସୁଶାନ୍ତ ରଥ, ସଭାପତି ପୂର୍ଣ୍ଣଚନ୍ଦ୍ର ମହାପାତ୍ର ଏବଂ ସତ୍ୟବାଦୀ ଦାଶଙ୍କୁ ଦୃଷ୍ଟିବାଧିତ ଦମ୍ପତି କୃତଜ୍ଞତା ଜଣାଇଛନ୍ତି।

## ୨୪ ଘଣ୍ଟାରେ ୪୭୨ ଆକ୍ରାନ୍ତ ଚିହ୍ନଟ

ପୁରୀ ଅଫିସ, ୨୩।୫:

**ଆଜିଠୁ ୧୩ କେନ୍ଦ୍ରରେ ଟିକାକରଣ**

ଗତ ୨୪ଘଣ୍ଟାରେ ପୁରୀ ଜିଲାରୁ ୪୭୨ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଏମାନଙ୍କ ମଧ୍ୟରେ ପୁରୀ ସହରରୁ ସର୍ବାଧିକ ୧୮୭ ଜଣ ରହିଛନ୍ତି। ସେହିପରି ପୁରୀ ସଦରରୁ ୬୭, ନିମାପଡ଼ାରୁ ୪୬, କଣାସରୁ ୧୭, ସତ୍ୟବାଦୀରୁ ୧୫, ଗୋପରୁ ୪୧, ପିପିଲିରୁ ୩୪, ଅସ୍ତରଙ୍ଗରୁ ୨୭, ବ୍ରହ୍ମଗିରିରୁ ୨୨, ଡେଲାଙ୍ଗରୁ ୧୭, କାକଟପୁରରୁ ୨୩, କୃଷ୍ଣପ୍ରସାଦରୁ ୨, ନିମାପଡା ଏନ୍‌ଏସିରୁ ୧୨, ପିପିଲି ଏନ୍‌ଏସିରୁ ୩, କୋଣାର୍କ ଏନ୍‌ଏସିରୁ ୬ ଏବଂ ଅନ୍ୟ ଜିଲାରୁ ୩ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଅପରପକ୍ଷରେ ପୁରୀ ସହରରେ ରବିବାରଠାରୁ ୭କେନ୍ଦ୍ରରେ ବିନା ପଞ୍ଜୀକରଣରେ ୧୮ରୁ ୪୪ବର୍ଷ ବ୍ୟକ୍ତିଙ୍କ ପାଇଁ କୋଭିଡ୍ ଟିକାକରଣ ଆରମ୍ଭ ହୋଇଛି। ସୋମବାରଠାରୁ ବଳଗଣ୍ଡି ସ୍କୁଲ, ବ୍ଲେସେଡ୍ ସାକ୍ରାମେଣ୍ଟ ସ୍କୁଲ, ଜିଲା ସ୍କୁଲ, ଗଦାଧର ବିଦ୍ୟାପୀଠ, ବେଟ୍ରିକ୍ସ ସ୍କୁଲ, ଭୋଳନାଥ ବିଦ୍ୟାପୀଠ କେନ୍ଦ୍ରରେ ସକାଳ ୮ରୁ ମଧ୍ୟାହ୍ନ ୧୨ଟା ମଧ୍ୟରେ ୧୮ରୁ ୪୪ବର୍ଷ ଏବଂ ଅପରାହ୍ନ ୩ରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ୪୫ ବର୍ଷରୁ ଊର୍ଦ୍ଧ୍ୱ ନାଗରିକଙ୍କୁ ଟିକା ଦିଆଯିବ। ପେଣ୍ଟକଟାସ୍ଥିତ ସେଚନ ବିହାର ସ୍କୁଲ, କୁଣ୍ଡିମେଣ୍ଟ ସ୍କୁଲ, ମାର୍କଣ୍ଡେଶ୍ୱରସାହି ବାଳିକା ଉଚ୍ଚ ବିଦ୍ୟାଳୟ, ସରକାରୀ ଆଇଆଇଟି କଲେଜ, ସର୍ବୋଦୟ ନଗର ସ୍କୁଲ, ବିଶ୍ୱମ୍ଭର ବିଦ୍ୟାପୀଠ ଏବଂ ସଂସ୍କୃତ ବେଦ କର୍ମକାଣ୍ଡ ସ୍କୁଲରେ ସକାଳ ୮ରୁ ମଧ୍ୟାହ୍ନ ୧୨ଟା ଏବଂ ଅପରାହ୍ନ ୩ରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ୧୮ରୁ ୪୫ବର୍ଷ ବୟସର ବ୍ୟକ୍ତିଙ୍କୁ ଟିକା ଦିଆଯିବ। ତେବେ ଅନଲାଇନରେ ଟିକାକରଣ ପାଇଁ ପ୍ରଶାସନ ପକ୍ଷରୁ ପ୍ରକ୍ରିୟା ଆରମ୍ଭ ହୋଇଛି।

## 'ପୁରୀ ସହରରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ'

ପୁରୀ ଅଫିସ, ୨୩।୫:

ପୁରୀ ସହରରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ହୋଇପଡ଼ିଛି ବୋଲି ରବିବାର ଏକ ଖବରଦାତା ସମ୍ମିଳନୀରେ ବିଭିନ୍ନ ରାଜନୈତିକ ଓ ସାମାଜିକ ଅନୁଷ୍ଠାନ କର୍ମକର୍ତ୍ତା ଅଭିଯୋଗ ଆଣିଛନ୍ତି। ଏ ନେଇ ସେମାନେ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ବିଶେଷକରି ଶ୍ରୀଜଗନ୍ନାଥ ମେଡିକାଲ କଲେଜରେ ନାନା ଅବ୍ୟବସ୍ଥା ହେଉଥିବା ଯୁବନେତା ଆଲୋକ କୁମାର ଦାଶ ଅଭିଯୋଗ କରିଛନ୍ତି। ସେ କହିଛନ୍ତି, ଜଣେ ରୋଗୀଙ୍କୁ ଆଇସିୟୁ ଦରକାର ପଡ଼ିଥିଲା। ତେବେ ପୁରୀ ଆଇଡିଏଚ୍‌ରେ ଖାଲି ଆଇସିୟୁ ନ ଥିବାରୁ ତାଙ୍କୁ ନୂଆ ମେଡିକାଲକୁ ପଠାଇବାକୁ ନିବେଦନ କରାଯାଇଥିଲେ ମଧ୍ୟ ସେଠାରେ ଆଇସିୟୁ କାର୍ଯ୍ୟକ୍ଷମ ହୋଇ ନ ଥିବା କୁହାଯାଇ ମନା କରାଯାଇଥିଲା। ସେ ଏନେଇ ଜିଲାପାଳଙ୍କୁ ଫୋନ କରିଥିଲେ। ମାତ୍ର ଜିଲାପାଳ ଫୋନ ଉଠାଇ ନ ଥିଲେ ବୋଲି ଦାଶ ଅଭିଯୋଗ କରିଛନ୍ତି। ଅତିରିକ୍ତ ଜିଲାପାଳ ବିନୟ ଦାସଙ୍କୁ ଫୋନ କରିବାରୁ ମେଡିକାଲ କଲେଜରେ ଆଇସିୟୁ କାର୍ଯ୍ୟକ୍ଷମ ହୋଇଛି, ମାତ୍ର ଆଇଡିଏଚ୍ ଯାହାଙ୍କୁ ପଠେଇବ ତାଙ୍କୁ ଆଇସିୟୁ ଦିଆଯିବ ବୋଲି କହିଥିଲେ। ଅନ୍ୟପକ୍ଷରେ କୋଭିଡ୍ ନୋଡାଲ ଅଫିସରଙ୍କୁ ଫୋନ କରିବାରୁ ସେ ସମ୍ପୃକ୍ତ ରୋଗୀଙ୍କ ସ୍ୱାସ୍ଥ୍ୟାବସ୍ଥା ବୁଝିଥିଲେ। ଶ୍ରୀଜଗନ୍ନାଥ ମେଡିକାଲ କଲେଜରେ କେବଳ ସବୁ ସୁବିଧା ଅଛି ବୋଲି ଲୋକଦେଖାଣିଆ ଭାବେ କୁହାଯାଉଛି, ମାତ୍ର ବାସ୍ତବତା ଭିନ୍ନ। ଭାଜପା ଜିଲା ଯୁବ ସଭାପତି ଜୟନ୍ତ ଦାଶ କହିଥିଲେ, ଜଣେ କୋଭିଡ୍ ରୋଗୀଙ୍କୁ ପୁରୀରୁ ଭୁବନେଶ୍ୱର ରେଫର କରାଯାଇଥିଲା। ସେଠାରେ ଚିକିତ୍ସା ଅବହେଳାରୁ ତାଙ୍କର ମୃତ୍ୟୁ ଘଟିଥିଲା। ଲୋକେ କରୋନା ସହ ଲଢୁଥିବାବେଳେ ରାଜ୍ୟ ସରକାର ଲୋକଙ୍କୁ ଭୁଆଁ ବୁଲାଇବା ଅତି ନିନ୍ଦନୀୟ ବୋଲି ଦାଶ କହିଛନ୍ତି। ଏହି ଖବରଦାତା ସମ୍ମିଳନୀରେ ସାହିଭାଇ ସମ୍ପାଦକ ଅଜୟ ମିଶ୍ର, ଆଇନଜୀବୀ ଅନିଲ ସାହୁ, ବସ୍ତିନେତା ମନୋଜ ମଣ୍ଡଳ, ସାମାଜିକ କର୍ମୀ ବିଶ୍ୱଶାନ୍ତି ତ୍ରିପାଠୀ, ଛାତ୍ର କଂଗ୍ରେସର ପୂର୍ବତନ ଜିଲା ସଭାପତି ଆଶୁତୋଷ ମିଶ୍ର ଏବଂ ସଙ୍ଗଠକ ଅନିଲ ବେଜ ପ୍ରମୁଖ ଉପସ୍ଥିତ ଥିଲେ।



ପୁରୀ ସହରରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ପ୍ରତିବାଦରେ ଗୁଣ୍ଡିଚା ଘର ସମ୍ମୁଖରେ ବିଭିନ୍ନ ସଙ୍ଗଠନର କର୍ମକର୍ତ୍ତାମାନେ ଧାରଣା ଦେଇଛନ୍ତି ।